بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 47

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21 ନଭେମ୍ବର 2019 | 21 ନବୁଓ୍ୱତ୍ 1398 ହି.ଶ | 23 ରବିଉଲ୍ ଅୱ୍ୱଲ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا اغۡفِرۡ لَنَا ذُنُوۡبَنَا وَاِسۡرَافَنَا فِیۡۤ اَمۡرِنَا وَثَبِّتۡ اَقۡدَامَنَا وَانۡصُرۡنَا عَلَی الۡقَوۡمِ الۡکٰفِرِیۡنَ (آل عمران:148)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କର ତୃଟିଗୁଡ଼ିକୁ ଆମମାନଙ୍କର କର୍ତବ୍ୟରେ ସୀମାଲଂଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

*(ଆଲେ ଇମରାନ୍: ୧୪୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ତକ୍‌ଓ୍ୱାର ସ୍ତର ଓ ପଦମର୍ଯ୍ୟାଦା ବହୁତ ରହିଛି । କିନ୍ତୁ ଯଦି ମାଗୁଥିବା ଲୋକ ସଦାଚାରୀ ହୋଇ ପ୍ରାଥମିକ ସ୍ତରକୁ ଦୃଢ଼ତାର ସହିତ ଏବଂ ନିଷ୍ଠାର ସହିତ ଅତିକ୍ରମ କରେ ତେବେ ସେ ସେହି ସଦାଚାରୀତା ଓ ସତ୍ୟନିଷ୍ଠା ଯୋଗୁ ଉଚ୍ଚ ସ୍ତରକୁ ପହଂଚିଯାଇଥାଏ । ଅଲ୍ଲାଃତାଲା କହୁଛନ୍ତି:- *ଇନ୍ନମା ୟତକବ୍‌ବଲୁଲ୍ ଲ୍ଲାହୁ ମିନଲ୍ ମୁତ୍‌ତକିନ୍* ଅର୍ଥାତ୍ ଅଲ୍ଲାଃତାଲା ମୁତ୍‌ତକି ମାନଙ୍କ ଦୁଆକୁ ଗ୍ରହଣ କରିଥାଏ । ଏହା ତାହାଙ୍କ ପ୍ରତିଶୃତି ଓ ତାହାଙ୍କ ପ୍ରତିଶୃତିରେ କୌଣସି ଖିଲାଫ୍ ହୋଇନଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଦୁଆ ଗ୍ରହଣୀୟ ହେବାର ସର୍ତାବଳୀ

ଏକଥା ମଧ୍ୟ ମନଦେଇ ଶୁଣିବା ଉଚିତ୍ ଯେ ଦୁଆ ଗ୍ରହଣୀୟ ହେବାପାଇଁ କେତେକ ସର୍ତାବଳୀ ରହିଛି । ସେଥି ମଧ୍ୟରୁ କିଛି ଦୁଆ କରୁଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଓ ଦୁଆ କରାଉଥିବା ଲୋକମାନଙ୍କ ସମ୍ବନ୍ଧରେ ରହିଛି । ଦୁଆ କରାଉଥିବା ବ୍ୟକ୍ତିଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେ ଅଲ୍ଲାଃତାଲାଙ୍କର ଭୟକୁ ଏବଂ ପ୍ରଭୁତ୍ୱକୁ ନିଜ ସମ୍ମୁଖରେ ରଖୁ ଏବଂ ତାହାଙ୍କ ସ୍ୱୟଂସମ୍ପନ୍ନ ଅସ୍ତିତ୍ୱକୁ ଡରୁ ଓ ମୈତ୍ରୀଭାବ ଏବଂ ଇଶ୍ୱର ଉପାସନାକୁ ନିଜର ନିତୀ ବନାଉ । ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା) ଓ ସଦଚରୀ ହୋଇ ଖୁଦାତାଲାଙ୍କୁ ପ୍ରସନ୍ନ କରୁ, ଏହି ଭଳି ପରିସ୍ଥିତିରେ ଦୁଆ ଗ୍ରହଣୀୟ ହେବାର ଫାଟକକୁ ଖୋଲିଦିଆଯାଏ । ଯଦି ସେ ଖୁଦାତାଲାଙ୍କ ନାରାଜ କରୁଛି ଓ ତାହାଙ୍କ ସହିତ ବିଭ୍ରାଟ ଓ ଯୁଦ୍ଧ କରୁଛି ତେବେ ତାର ଦୁଷ୍ଟାମି ଓ କୁକର୍ମ ଦୁଆର ମାର୍ଗରେ ଏକ ଚଟାଣ ହୋଇ ଛିଡାହୋଇଯାଇଛି । ଏବଂ ଦୁଆ ଗ୍ରହଣୀୟ ହେବାର ଫାଟକଟି ତା ପାଇଁ ବନ୍ଦ ହୋଇଯାଏ ।

### ଆମ ଦୁଆ ଗୁଡିକୁ ନଷ୍ଟ ହେବାରୁ ବଂଚାନ୍ତୁ

ସୁତରାଂ ଆମ ବନ୍ଧୁମାନଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେମାନେ ଆମ ଦୁଆଗୁଡିକୁ ନଷ୍ଟ ହେବାରୁ ବଂଚାନ୍ତୁ ଓ ତା ମାର୍ଗରେ କୌଣସି ପ୍ରତିବନ୍ଧକ ପକାନ୍ତୁ ନାହିଁ ଯାହା ସେମାନଙ୍କର ଅନୁଚିତ୍ କାର୍ଯ୍ୟଦ୍ୱାରା ସୃଷ୍ଟି ହୋଇପାରେ । ସେମାନଙ୍କୁ ଏହା ଆବଶ୍ୟକ ଯେ ସେମାନେ ତକ୍‌ଓ୍ୱାର ମାର୍ଗକୁ ଗ୍ରହଣ କରନ୍ତୁ । କାରଣ ତକ୍‌ଓ୍ୱା ହିଁ ହେଉଛି ଏପରି ଏକ ବସ୍ତୁ ଯାହାକୁ ଶରୀୟତ୍‌ର ସାରାଂଶ କରିପାରିବା ଏବଂ ଯଦି ଶରୀୟତ୍‌କୁ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରିବାକୁ ଚାହିଁବା ତେବେ ଶରୀୟତ୍‌ର ମଗଜ ତକ୍‌ଓ୍ୱା ହୋଇପାରେ । ତକ୍‌ଓ୍ୱାର ସ୍ତର ଓ ପଦମର୍ଯ୍ୟାଦା ବହୁତ ରହିଛି । କିନ୍ତୁ ଯଦି ମାଗୁଥିବା ଲୋକ ସଦାଚାରୀ ହୋଇ ପ୍ରାଥମିକ ସ୍ତରକୁ ଦୃଢ଼ତାର ସହିତ ଏବଂ ନିଷ୍ଠାର ସହିତ ଅତିକ୍ରମ କରେ ତେବେ ସେ ସେହି ସଦାଚାରୀତା ଓ ସତ୍ୟନିଷ୍ଠା ଯୋଗୁ ଉଚ୍ଚ ସ୍ତରକୁ ପହଂଚିଯାଇଥାଏ । ଅଲ୍ଲାଃତାଲା କହୁଛନ୍ତି:- ***ଇନ୍ନମା ୟତକବ୍‌ବଲୁଲ୍ ଲ୍ଲାହୁ ମିନଲ୍ ମୁତ୍‌ତକିନ୍*** ଅର୍ଥାତ୍ ଅଲ୍ଲାଃତାଲା ମୁତ୍‌ତକି ମାନଙ୍କ ଦୁଆକୁ ଗ୍ରହଣ କରିଥାଏ । ଏହା ତାହାଙ୍କ ପ୍ରତିଶୃତି ଓ ତାହାଙ୍କ ପ୍ରତିଶୃତିରେ କୌଣସି ଖିଲାଫ୍ ହୋଇନଥାଏ । ଯେମିତି କି ସେ କହୁଛନ୍ତି ***ଇନ୍ନଲାହା ଲା ୟୁଖ୍‌ଲିଫୁଲ୍ ମିଆଦ୍*** ସୁତରାଂ ଯେଉଁଭଳି ଦୁଆ ଗ୍ରହଣୀୟ ହେବା ନିମନ୍ତେ ତକ୍‌ଓ୍ୱା ହେଉଛି ଏକ ନିଶ୍ଚିତ ସର୍ତ ତେବେ ଜଣେ ବ୍ୟକ୍ତି ଯଦି ଏଥିରୁ ମୁହଁ ଫେରାଇ ଅଣରାସ୍ତାରେ ଚାଲି ଦୁଆ ଗ୍ରହଣୀୟ କରିବାକୁ ଚାହେଁ ତେବେ ସେ କଣ ଜଣେ ମୁର୍ଖ ଓ ଅବୋଧ ନୁହେଁ କି । ସୁତରାଂ ଆମ ଜମାତ୍ ପାଇଁ ଏହା ଜରୁରୀ ଅଟେ ଯେ ଯଥା ସମ୍ଭବ ସମସ୍ତେ ତକ୍‌ଓ୍ୱାର ମାର୍ଗରେ ପାଦ ଥାପନ୍ତୁ ଯଦ୍ୱାରା ଦୁଆ ଗ୍ରହଣୀୟ ହେବାର ମଜା ଉଠାଇପାରିବେ ଓ ଇମାନ୍ ବୃଦ୍ଧିହେବାରୁ ଭାଗ ପାଇବେ ।

### ମନୁଷ୍ୟର ତିନୋଟି ଅବସ୍ଥା

ପବିତ୍ର କୋରାନ୍‌ରୁ ଜଣାପଡୁଛି ଯେ ମନୁଷ୍ୟର ତିନୋଟି ଅବସ୍ଥା ରହିଛି । ଗୋଟିଏ ହେଉଛି ଅମାରାଃ, ଦ୍ୱିତୀୟଟି ହେଉଛି ଲଓ୍ୱାମାଃ ଏବଂ ତୃତୀୟଟି ହେଉଛି ମୁତ୍‌ମଇନ୍ନାଃ । ନଫ୍‌ସେ ଅମାରାଃ ଅବସ୍ଥାରେ ମଣିଷ ସଇତାନ୍‌ର ପଞ୍ଝାତଳେ ଯେପରି ବନ୍ଦି ହୋଇ ରହିଥାଏ ଓ ତା ଆଡକୁ ବହୁତ ଢ଼ଳିପଡିଥାଏ କିନ୍ତୁ ନଫ୍‌ସେ ଲଓ୍ୱାମା ଅବସ୍ଥାରେ ସେ ନିଜର ଦୋଷ ଦୁର୍ବଳତା ଯୋଗୁ ପଶ୍ଚାତାପ କରି ଲଜ୍ଜିତ ହୋଇ ଖୁଦାଙ୍କ ଆଡକୁ ଢ଼ଳିଥାଏ । କିନ୍ତୁ ଏହି ଅବସ୍ଥାରେ ମଧ୍ୟ ସେ ଗୋଟିଏ ଯୁଦ୍ଧ ଜାରି ରଖିଥାଏ । କେବେ ସଇତାନ୍ ଆଡକୁ ଢ଼ଳିଯାଇଥାଏ ତ କେବେ ରହ୍‌ମାନ୍ ଆଡକୁ ଢ଼ଳିଯାଇଥାଏ । କିନ୍ତୁ ନଫ୍‌ସେ ମୁତ୍‌ମଇନା ଅବସ୍ଥାରେ ସେ ଇବାଦୁର୍ ରହ୍‌ମାନ୍ (ଅର୍ଥାତ୍ କରୁଣାମୟ ଇଶ୍ୱରଙ୍କ ଭକ୍ତ)ଙ୍କ ପରିସର ମଧ୍ୟରେ ପ୍ରବେଶ କରିଯାଏ । ଯେପରି ତାହା ହେଉଛି ଏକ ଉଚ୍ଚତମ କେନ୍ଦ୍ର ଓ ଯାହାର ମୁକାବିଲାରେ ତଳଆଡକୁ ଅମାରାଃ ରହିଥାଏ । ଏହି ନିକିତିର ମଝିରେ ଲଓ୍ୱାମା ରହିଛି ତାହା ନିକିତିର କଂଟା ସଦୃଶ । ସେ ହେଉଛି ଏପରି ଏକ କେନ୍ଦ୍ର ଯଦି ଗୋଟିଏ ପଟକୁ ଢ଼ଳୁଛି ତେବେ ପଶୁଠାରୁ ମଧ୍ୟ ନିଚ ହୋଇଯାଉଛି ଓ ଯଦି ଉଚ୍ଚତମ କେନ୍ଦ୍ର ଆଡକୁ ଢ଼ଳୁଛି ତେବେ ସେ ଅଲ୍ଲାଃତାଲାଙ୍କ ନିକଟତର ହୋଇଯାଉଛି । ଫଳତଃ ତୁଚ୍ଛ ଓ ସାଂସାରିକ ଅବସ୍ଥାରୁ ବାହାରି ଉଚ୍ଚତମ ଓ ନୈସର୍ଗିକ କୃପାରୁ ଭାଗ ପାଉଛି ।

(ମଲ୍‌ଫୁଜାତ୍, ଖଣ୍ଡ-୧ , ପୃଷ୍ଠା-୯୨-୯୩ ମୁଦ୍ରଣ ୨୦୧୮ କାଦିଆନ୍)

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରରେ ଏ ଏତେଲା ଦିଆଗଲା ଯେ:

***୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା ୧୨୫ ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି ୧୨୬ ତମ ଜଲ୍‌ସା ସାଲାନା ।***

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(ନାଜ୍‌ର ଇସ୍‌ଲାହ୍ ଓ୍ୱ ଇରଶାଦ୍ ମରକଜିୟା)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୬ର ଅବଶିଷ୍ଟାଂଶ ......*

କୁ ଏଠାକୁ ନେଇଆସିଛି, ଯାହାକୁ ସେ ଆପଣ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ କରିଛି । ଏହି ବସ୍ତିର ଲୋକମାନେ ତ ଏ ଫଇସଲା କରିଥିଲେ ଯେ ଅବ୍‌ଦୁଲ୍ଲାଃ ବିନ୍ ଉବୈଙ୍କୁ ସର୍ଦ୍ଦାରର ମୁକୁଟ ପିନ୍ଧାଇ ତା ମୁଣ୍ଡରେ ପଗଡି ବାନ୍ଧିବେ । ଯେତେବେଳେ ଅଲ୍ଲାଃତାଲା ଏହି ହକ୍ ଯୋଗୁ ଯାହାକୁ ଅଲ୍ଲାଃତାଲା ଆପଣଙ୍କୁ ପ୍ରଦାନ କରିଛନ୍ତି ତାହାକୁ ସେ ମଞ୍ଜୁର୍ ନକରି ଇର୍ଶାର ଅଗ୍ନିରେ ଜଳିଗଲା । ତେଣୁ ସେ ଏପରି କିଛି କହିଦେଇଛି ଯାହାକୁ ଆପଣ ସ:ଆ:ସ ଦେଖିଲେ । ଏକଥା ଶୁଣି ନବୀ କରିମ୍ ସ:ଆ:ସ ତାକୁ କ୍ଷମା କଲେ ଏବଂ ନବୀ କରିମ୍ ସ:ଆ:ସ ଓ ତାଙ୍କ ସାହାବାମାନେ ମୁସ୍‌ରିକ୍ ଓ ଅହ୍‌ଲେ କିତାବ୍ (ଅର୍ଥାତ୍ ଯେଉଁମାନଙ୍କୁ ଐଶି ବିଧାନ ଦିଆଯାଇଛି)ଙ୍କୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କୁ କ୍ଷମା କରିଦେଲେ । ସେହିପରି ସେମାନଙ୍କ ଅତ୍ୟାଚାର ଓ ଦୁଃଖ କଷ୍ଟକୁ ସହି ନେଲେ । ଅଲ୍ଲାଃତାଲା କହୁଛନ୍ତି ଯେ ***ୱଲତସ୍‌ମଉନ୍ନା ମିନଲ୍ଲଜିନା ଉତୁଲ୍‌କିତାବା ମିନ୍ କବ୍‌ଲିକୁମ୍ ୱମିନଲ୍ ଲଜିନା ଅଶ୍‌ରକୁ ଅଜନ୍ କସିରା*** *(ଆଲେ ଇମ୍‌ରାନ୍:୧୮୭)* ଅର୍ଥାତ୍ ତୁମେମାନେ ନିଶ୍ଚିତ ରୂପେ ସେହି ଲୋକମାନଙ୍କଠାରୁ ବହୁତ ବାଧୁଥିବା କଥା ଶୁଣିବ ଯେଉଁମାନଙ୍କୁ ତୁମପୂର୍ବରୁ ପୁସ୍ତକ ଦିଆଯାଇଅଛି ଓ ଯେଉଁମାନେ ସିର୍କ୍ କରିଛନ୍ତି । ପୁଣି ଅଲ୍ଲାଃତାଲା କହୁଛନ୍ତି ଯେ ***ୱଦ୍ଦ କସିରୁମ୍ ମିନ୍ ଅହ୍‌ଲିଲ୍ କିତାବି ଲୌ ୟରୁଦ୍ଦୁ ନକୁମ୍ ମିନ୍ ବାଦି ଇମାନିକୁମ୍ କୁଫାରନ୍ ହସଦମ୍ ମିନ୍ ଇନ୍‌ଦି ଅନ୍‌ଫୁସିହିମ୍ ।*** (ବକ୍‌ରାଃ:୧୧୦) ଅର୍ଥାତ୍ ଅହ୍‌ଲେ କିତାବ୍‌ମାନଙ୍କ ମଧ୍ୟରୁ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଏକଥା ଚାହୁଁଛନ୍ତି ଯେ କାଳେ ତୁମକୁ ତୁମର ଇମାନ୍ ଆଣିବା ପରେ ପୁଣି ଆଉଥରେ ଅମାନ୍ୟକାରୀ ବନାଇଦିଅନ୍ତେ । ତାହା ସେମାନଙ୍କର ସେହି ଇର୍ଶା ଭାବଯୋଗୁ ହୋଇଛି ଯାହା ସେମାନଙ୍କ ମନ ଭିତରେ ସୃଷ୍ଟି ହେଉଅଛି । ତେଣୁ ତୁମେମାନେ ଅଲ୍ଲାଃଙ୍କ ନିର୍ଦ୍ଦେଶ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ କ୍ଷମା କରିଚାଲ । ଅଲ୍ଲାଃ ନିଶ୍ଚିତ ରୂପେ ପ୍ରତ୍ୟେକଟି କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ରୂପେ ଆୟତ ରଖିଛନ୍ତି ।

ଏବଂ ନବୀକରିମ୍ ସ:ଆ:ସ କ୍ଷମା କରିବାକୁ ହିଁ ଉଚିତ୍ ମଣୁଥିଲେ, ଯେମିତିକି ଅଲ୍ଲାଃତାଲା ଆପଣ ସ:ଆ:ସଙ୍କୁ ଏ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ପରିଶେଷରେ ଅଲ୍ଲାଃତାଲା ସେମାନଙ୍କୁ ଅନୁମତି ଦେଇଦେଲେ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ବଦର୍‌ଠାରେ ସେମାନଙ୍କ ସହିତ ମୁକାବିଲା କଲେ ଏବଂ ଅଲ୍ଲାଃତାଲା ସେହି ଯୁଦ୍ଧରେ କୁରୈଶର ବଡ ବଡ ନେତାକୁ ମାରିଦେଲେ ତେଣୁ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଓ ତାଙ୍କ ସହିତ ଥିବା ମୁସ୍‌ରିକ୍‌ମାନେ ଓ ପିତୁଳା ପୂଜକମାନେ କହିବାକୁ ଲାଗିଲେ ଏବେ ତ ଏ ସମ୍ପ୍ରଦାୟ ବହୁତ ଆଗକୁ ବଢ଼ିଗଲାଣି । ତେଣୁ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଇସ୍‌ଲାମ୍ ଉପରେ କାଏମ୍ ରହିବା ପାଇଁ ବୟତ କରିଦେଲେ ଓ ମୁସଲ୍‌ମାନ୍ ହୋଇଗଲେ । (ସହି ବୁଖାରୀ, କିତାବୁଲ୍ ତଫ୍‌ସିର୍.... ହଦିସ୍ ନଂ- ୪୫୬୬)

ସେମାନଙ୍କ ଇସ୍‌ଲାମ୍ ଗ୍ରହଣ କରିବା ମଧ୍ୟ ଏପରି ଥିଲା ଯେ ଯେତେବେଳେ ଏମାନେ ଦେଖିଲେ ଯେ ବଦର୍ ଯୁଦ୍ଧରେ ମୁସଲ୍‌ମାନ୍ ସଫଳ ହୋଇଗଲେଣି ତେଣୁ ତାଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲା । ସେଥିଯୋଗୁ ଇସ୍‌ଲାମ୍ ଗ୍ରହଣ କରିନେଲେ ।

ତେଣୁ ଯାହାହେଉ ଏହି ରିୱାୟତ୍ ଗୁଡିକ ତାଙ୍କ ସହିତ ସିଧାସଳଖ ଭାବେ କୌଣସି ସମ୍ପର୍କ ନଥିବା ସତ୍ତ୍ୱେ ମଧ୍ୟ ମୁଁ ଏଗୁଡିକୁ ବର୍ଣ୍ଣନା କରୁଅଛି, ଯଦ୍ୱାରା ଏ ପ୍ରସଙ୍ଗରେ ଇତିହାସ ବିଷୟରେ କିଛି ଜ୍ଞାନ ମିଳିବ । ପୁଣି ସେହି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ କାର୍ଯ୍ୟକଳାପର ବିବରଣୀ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ବର୍ଣ୍ଣନା କରିଛନ୍ତି ।

ୱହଦ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ:ଆ:ସ ମୁସଲ୍‌ମାନମାନଙ୍କୁ ଏକତ୍ରିତ କରି କୁରୈଶର ଏହି ଆକ୍ରମଣ କରିବାର ଯୋଜନା ସମ୍ବନ୍ଧରେ ପରାମର୍ଶ ମାଗିଲେ ଯେ ଆମେ ମଦିନାରେ ରହିଯିବା ବା ବାହାରକୁ ବାହାରି ମୁକାବିଲା କରିବା । ଏହି ପରାମର୍ଶରେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ମଧ୍ୟ ସାମିଲ୍ ଥିଲା ଯିଏ ବାସ୍ତବରେ ତ ଜଣେ ମୁନାଫିକ୍ (ବିଶ୍ୱାସଘାତକ) ଥିଲା । କିନ୍ତୁ ବଦର୍ ଯୁଦ୍ଧ ପରେ ସେ ବାହାରୁ ମୁସଲ୍‌ମାନ୍ ତ ହୋଇସାରିଥିଲା ଓ ଏହା ତାର ପ୍ରଥମ ଅବସର ଥିଲା କି ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ପରାମର୍ଶରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେଇଥିଲେ । ପରାମର୍ଶ ପୂର୍ବରୁ ଆଁ ହଜ୍‌ରତ୍ ସ:ଆ:ସ କୁରୈଶ୍‌ର ଆକ୍ରମଣ ଓ ସେମାନଙ୍କ ହତ୍ୟା କରିବାର ଉଦ୍ୟମ ସମ୍ବନ୍ଧରେ ଚର୍ଚ୍ଚା କଲେ ଓ କହିଲେ ଯେ ଆଜି ରାତିରେ ମୁଁ ଗୋଟିଏ ଗାଈକୁ ସ୍ୱପ୍ନରେ ଦେଖିଛି, ପୁଣି ମୁଁ ଏହା ଦେଖିଛି ଯେ ମୋର ତରୱାରିର ମୁନ ଭାଙ୍ଗିଯାଇଛି ଓ ପୁଣି ମୁଁ ଏହା ଦେଖିଛି ଯେ ଉକ୍ତ ଗାଈଟିକୁ ଜେଭ କରାଯାଉଅଛି ଏବଂ ମୁଁ ଏହା ମଧ୍ୟ ଦେଖିଛି ଯେ ମୁଁ ନିଜର ହାତକୁ ଗୋଟିଏ ମଜବୁତ୍ ଜରାଃ (ସାଞ୍ଜୁ) ଭିତରେ ପୁରାଇ ରଖିଛି । ଆଉ ଏକ ରିୱାୟତ୍ ଏପରି ମଧ୍ୟ ଆସିଛି ଯେ ଆପଣ ସ:ଆ:ସ କହିଲେ କି ମୁଁ ସ୍ୱପ୍ନରେ ଗୋଟିଏ ମେଣ୍ଢା ଦେଖିଛି, ଯାହାର ପିଠି ଉପରେ ମୁଁ ଆରୋହଣ କରିଛି । ସାହାବାମାନେ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆପଣ ଉକ୍ତ ସ୍ୱପ୍ନର କଣ ଅର୍ଥ ବାହାର କଲେ ? ଏଥିରେ ଆପଣ ସ:ଆ:ସ କହିଲେ ଯେ ଗାଈ ଜେଭ ହେବାର ଅର୍ଥ ମୁ ଏପରି ବୁଝୁଛି କି ମୋ ସାହାବାମାନଙ୍କ ମଧ୍ୟରୁ କେତେଜଣ ଶହିଦ୍ ହେବେ ଓ ମୋ ତରବାରିର ମୁନ ଭାଙ୍ଗିଯିବାର ଅର୍ଥ ଏହା ମୁଁ ବୁଝୁଛି ଯେ ମୋ ନିକଟ ସମ୍ପର୍କୀୟ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରୁ କେହିଜଣେ ଶହିଦ୍ ହେବେ ବା ବୋଧହୁଏ ମୋତେ ଏହି ଅଭିଯାନ୍‌ରେ କୌଣସି ଦୁଃଖ ବା କଷ୍ଟ ପହଂଚିବ ଏବଂ ସାଞ୍ଜୁ ଭିତରେ ହାତ ପୁରାଇବାର ଅର୍ଥ ମୁଁ ଏହା ବୁଝୁଛି କି ଏହି ଆକ୍ରମଣର ମୁକାବିଲା କରିବା ପାଇଁ ମଦିନା ଭିତରେ ରହିବା ଆମପାଇଁ ଅଧିକ ଉତମ ହେବ ଏବଂ ମେଣ୍ଢା ଉପରେ ବସିଥିବାର ଯେଉଁ ସ୍ୱପ୍ନ ରହିଛି ତାହାର ଅର୍ଥ ଆପଣ ସ:ଆ:ସ ଏହା କରୁଛନ୍ତି କି କୁଫାର୍‌ଙ୍କ ସେନାର ସର୍ଦ୍ଦାର ଅର୍ଥାତ୍ ଯିଏ ଧ୍ୱଜାକୁ ଧରି ରଖିଥିବ ଇନ୍‌ଶାଅଲ୍ଲାଃ ସେ ମୁସଲ୍‌ମାନଙ୍କ ହାତରେ ମରିବ ।

ଏହାପରେ ଆପଣ ସ:ଆ:ସ ସାହାବାମାନଙ୍କଠାରୁ ପରାମର୍ଶ ମାଗିଲେ ଯେ ଏପରି ପରିସ୍ଥିତିରେ ବର୍ତମାନ କଣ କରିବା ଉଚିତ୍ ହେବ । କିଛି ବଡ ବଡ ସାହାବାମାନେ ପରିସ୍ଥିତିକୁ ଦେଖି ତା ଉପରେ ବିଚାର କରି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ୱପ୍ନରେ ପ୍ରଭାବିତ ହୋଇ ଏ ରାଏ ଦେଲେ ଯେ ମଦିନାରେ ହିଁ ରହି ମୁକାବିଲା କରିବା ଠିକ୍ ହେବ । ଏହି ରାୟ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ମଧ୍ୟ ଦେଲେ ଯିଏ ମୁନାଫିକ୍ ମାନଙ୍କର ସର୍ଦ୍ଦାର ଥିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ସେହି ରାୟକୁ ପସନ୍ଦ କଲେ ଏବଂ କହିଲେ ଯେ ଏକଥା ସଠିକ୍ ଲାଗୁଛି ଯେ ଆମେ ମଦିନା ଭିତରେ ରହି ମୁକାବିଲା କରିବା କିନ୍ତୁ ଅଧିକାଂଶ ସାହାବା ବିଶେଷ ରୂପେ ସେହି ଯୁବକ ସାହାବାମାନେ ଯେଉଁମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରିନଥିଲେ ଓ ଶହିଦ୍ ହୋଇ ଧର୍ମସେବା କରିବାର ମୌକା ଖୋଜୁଥିଲେ ଏବଂ ବହୁତ ଉତ୍ସୁକତାର ସହିତ ଅପେକ୍ଷା କରିଥିଲେ । ସେମାନେ ବହୁତ ଜୋର୍ ଦେଇ ଏକଥା କହିଲେ ଯେ ସହରରୁ ବାହାରି ଖୋଲା ମଇଦାନ୍‌ରେ ମୁକାବିଲା କରିବା ଉଚିତ୍ । ସେହି ଯୁବକ ସାହାବାମାନେ ଏତେମାତ୍ରାରେ ବାଧ କଲେ ଓ ନିଜର ରାୟକୁ ପେଶ୍ କଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କର ଉତ୍ସାହକୁ ଦେଖି ସେମାନଙ୍କ କଥାକୁ ମାନିନେଲେ ଓ ନିଷ୍ପତି କଲେ ଯେ ଆମେ ଖୋଲା ମଇଦାନ୍‌ରେ ଯାଇ କୁଫାରମାନଙ୍କ ସହିତ ଯୁଦ୍ଧ କରିବା ଓ ପୁଣି ଜୁମା ନମାଜ ପାଠ ପରେ ଆପଣ ସ:ଆ:ସ ମୁସଲ୍‌ମାନ୍‌ମାନଙ୍କୁ ସର୍ବସାଧାରଣରେ ଏ କଥା ନିର୍ଦ୍ଦେଶ ଦେଲେ ଯେ ସେମାନେ ଅଲ୍ଲାଃଙ୍କ ମାର୍ଗରେ ଚେଷ୍ଟା କରିବା ଉଦ୍ଦେଶ୍ୟରେ ଏହି ଯୁଦ୍ଧରେ ସାମିଲ୍ ହୋଇ ପୁଣ୍ୟ ହାସଲ କରନ୍ତୁ ।

ଏହାପରେ ଆପଣ ସ:ଆ:ସ ଘର ଭିତରକୁ ଚାଲିଗଲେ, ଯେଉଁଠି ହଜ୍‌ରତ୍ ଅବୁ ବକର୍ ର:ଅ ଏବଂ ଉମର୍ ର:ଅଙ୍କ ସାହାଯ୍ୟରେ ଆପଣ ସ:ଆ:ସ ପଗଡି ବାନ୍ଧିଲେ ଏବଂ ଯୁଦ୍ଧ ବସ୍ତ୍ର ପିନ୍ଧିଲେ ଓ ପୁଣି ହତିଆର୍ ଉଠାଇ ଅଲ୍ଲାଃତାଲାଙ୍କ ନାମ ଉଚ୍ଚାରଣ କରି ବାହାରକୁ ବାହାରି ପଡିଲେ କିନ୍ତୁ ଏହି ସମୟରେ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ର:ଅ ଯିଏ ଅଓସ୍ କବିଲାର ରଇସ୍ ଥିଲେ ସେ ଓ ଅନ୍ୟ ବଡ ବଡ ସାହାବାଙ୍କ ବୁଝାସୁଝା କରିବା ଦ୍ୱାରା ସେହି ଯୁବ ମୁସଲ୍‌ମାନମାନଙ୍କୁ ନିଜ ଭୁଲ୍ ଅନୁଭବ ହେବାକୁ ଲାଗିଲା ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ରାୟ ମୁକାବିଲାରେ ସେମାନେ ନିଜ ରାୟକୁ ଅଗ୍ରାଧିକାର ଦେବା ଉଚିତ୍ ନଥିଲା ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚାତାପ କରୁଥିଲେ ।

ଯେତେବେଳେ ସେହି ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯୁଦ୍ଧ ବସ୍ତ୍ର ପିନ୍ଧି ଓ ଅସ୍ତ୍ର ଧରି ବାହାରକୁ ବାହାରିବାର ଦେଖିଲେ ସେତେବେଳେ ସେମାନେ ଆହୁରି ଅଧିକା ଲଜ୍ଜିତ ହେଲେ ଓ ବହୁତ ବ୍ୟତିବ୍ୟସ୍ତ ହୋଇଗଲେ । ସୁତରାଂ ସେମାନେ ଉଣାଅଧିକେ ସମସ୍ତେ ଏକ ସ୍ୱରରେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍, ଆମଦ୍ୱାରା ଭୁଲ୍ ହୋଇଯାଇଛି ଯେ ଆମେ ଆପଣଙ୍କ ରାୟ ମୁକାବିଲାରେ ନିଜର ରାୟକୁ ଅଗ୍ରାଧିକାର ଦେବାପାଇଁ ଚେଷ୍ଟା କରିଛୁ । ଆପଣ ସ:ଆ:ସ ଯେପରି ଉଚିତ୍ ମଣୁଛନ୍ତି ସେହିପରି କରନ୍ତୁ । ଇନ୍‌ଶାଅଲ୍ଲାଃ ସେଥିରେ ହିଁ ବର୍‌କତ୍ ହେବ । ଆପଣ ସ:ଆ:ସ ବହୁତ ଜୋସ୍‌ର ସହିତ ଏକଥା କହିଲେ ଯେ ଖୁଦାଙ୍କ ନବୀଙ୍କ ବୈଭବଠାରୁ ଏହା ବହୁତ ଦୂରରେ ଯେ ସେ ଅସ୍ତ୍ର ଉଠାଇ ପୁଣି ତାକୁ ବାହାର କରିଦେବେ ହିଁ ଯଦି କୌଣସି ଖୁଦାଙ୍କର ନିଷ୍ପତି ଆସିଯାଏ । ଏବେ ତ ଏପରି ହୋଇପାରିବ ନାହିଁ । ସୁତରାଂ ଏବେ ଅଲ୍ଲାଃଙ୍କ ନାମ ନେଇ ଚାଲ ଏବଂ ଯଦି ତୁମେ ଧୈର୍ଯ୍ୟର ସହିତ କାମ ନେଲ ତେବେ ନିଶ୍ଚିତ ରୁହ ଯେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହଯୋଗ ତୁମ ସହିତ ରହିବ ।

ତା ପରେ ଆଁ ହଜ୍‌ରତ୍ ସ:ଆ:ସ ଇସ୍‌ଲାମୀୟ ସେମାନଙ୍କ ନିମନ୍ତେ ତିନିଗୋଟି ଧ୍ୱଜା ପ୍ରସ୍ତୁତ କରାଇଲେ । ଅଓସ୍ କବିଲାର ଧ୍ୱଜାକୁ ଉସୈଦ୍ ବିନ୍ ହଜିର୍‌କୁ ଅର୍ପଣ କରାଗଲା, ଖଜ୍‌ରଜ୍

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’ *(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

''ଖୁଦାଙ୍କ ନବୀଙ୍କର ଶାନ୍ ଅର୍ଥାତ୍ ବୈଭବ ଏହା ନୁହେଁ ଯେ ସେ ଅସ୍ତ୍ରକୁ ଧରି ପୁଣି ତଳେ ରଖିଦେବେ । ଏହା ପୂର୍ବରୁ କି ଖୁଦାଙ୍କ ତରଫରୁ କୌଣସି ନିଷ୍ପତି ଆସିଯାଉ'' । (ହଦିସ୍)

ଆମେ ନିଜ ଧର୍ମରେ ବିଶ୍ୱାସଘାତକତାକୁ ଉଚିତ୍ ମଣିନଥାଉ ।

ଆଁ ହଜ୍‌ରତ୍ ସ:ଆ:ସ ସମ୍‌ରାହଙ୍କୁ ମଧ୍ୟ ସାଥିରେ ଯିବାପାଇଁ ଅନୁମତି ପ୍ରଦାନ କଲେ ।

ଫଳତଃ ସେହି ନିରୀହ ପିଲାଟିଣ ମନ ଖୁସି ହୋଇଗଲା ।

ନିଷ୍ଠା ଓ ପ୍ରେମଭାବରେ ପରିପୁର୍ଣ୍ଣ ନବୀ କରିମ୍ ସ:ଆ:ସଙ୍କ ବଦ୍‌ରି ସାହାବାଗଣ

ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ରଜିଅଲ୍ଲାଃ ହୋ ଅନ୍‌ହୁମାଙ୍କ

ପବିତ୍ର ଜୀବନ ଚରିତର ମନମୁଗ୍‌ଧକାରୀ ତର୍ଜମା

ଖିଲାଫତ୍‌ର ପ୍ରେମୀ, ଅତ୍ୟନ୍ତ ପୁଣ୍ୟବାନ ଓ ସ୍ନେହି ଖାଦିମେ ସିଲ୍‌ସିଲା ମୁକରମ୍ ଖ୍ୱାଜା ରଶିଦୁଦ୍ଦିନ୍ କମର୍ ସାହେବ୍‌ଙ୍କ

ଦେହାନ୍ତରେ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ତାଙ୍କର ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୮ ଅକ୍ଟୋବର ୨୦୧୯ ଅନୁଯାୟୀ ୧୮ ଇଖା ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - اَلرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଆଁ ହଜରତ ସ:ଆ:ସଙ୍କ ବଦ୍‌ରି ସାହାବାମାନଙ୍କ ବିଷୟରେ ଯେପରି ମୁଁ କହି ଆସୁଛି ଆଜି ମଧ୍ୟ ସେହିପରି ସେମାନଙ୍କର ଗୁଣଗାନ/ଚର୍ଚ୍ଚା ମୁଁ କରିବି । ବିଗତ ଗସ୍ତ ଯୋଗୁଁ ଓ ବିଭିନ୍ନ ଜଲ୍‌ସା ଅନୁଷ୍ଠିତ ହେବା ଯୋଗୁଁ ମଝିରେ ଏହି ଧାରା ବନ୍ଦ ହୋଇଯାଇଥିଲା । ସାହାବାମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବା ଯେଉଁ ଶେଷ ଖୁତ୍‌ବା ମୁଁ ଦେଇଥିଲି, ତାହା ଥିଲା ୨୦ ସେପ୍ଟେମ୍ବର । ସେଥିରେ ହଜରତ ଖୁବୈବ୍ ବିନ୍ ଅଦି ର:ଅଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିଲା । ତାଙ୍କ ବିଷୟରେ ଆଉ କିଛି ତଥ୍ୟ ରହିଯାଇଛି । ସେଥିରେ ବର୍ଣ୍ଣନା ହୋଇଥିଲା କି ସେ ସହିଦ୍ ହେବା ସମୟରେ ଆଁ ହଜରତ ସ:ଆ:ସଙ୍କ ନିମନ୍ତେ ଅଲ୍ଲାଃ ତାଲାଙ୍କୁ ଏ ନିବେଦନ କଲେ କି ମୋ ସଲାମ ତାଙ୍କୁ (ଅର୍ଥାତ ଆଁ ହଜରତ ସ:ଆ:ସଙ୍କୁ) ପହଂଚାଇ ଦିଅ । ସେ ଯାହା ହେଉ ଏମାନେ ବହୁତ ଉଚ୍ଚ ସ୍ତରର ଲୋକ ଥିଲେ, ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ହାସଲକାରୀ ଥିଲେ । ଅଲ୍ଲାଃ ତାଲା ମଧ୍ୟ ସେମାନଙ୍କ ସହିତ କିପରି ବ୍ୟବହାର କରୁଥିଲେ ଦେଖନ୍ତୁ ଯେ ଯେତେବେଳେ ସେ କହିଲେ ଯେ ଅଲ୍ଲାଃ ତାଲା ଏଠାରେ କିଛି ସାଧନ ନାହିଁ ତେଣୁ ତୁମେ ହିଁ ଆଁ ହଜରତ ସ:ଆ:ସଙ୍କୁ ମୋର ସଲାମ ପହଂଚଇ ଦିଅ । ସୁତରାଂ ଅଲ୍ଲାଃ ତାଲା ତାଙ୍କର ସେହି ସଲାମ୍‌କୁ ଆଁ ହଜରତ ସ:ଆ:ସଙ୍କ ନିକଟରେ ପହଂଚାଇ ଦେଲେ ଏବଂ ସେଠାରେ ମଜ୍‌ଲିସ୍‌ରେ ବସିଥିବା ସମୟରେ ଆଁ ହଜରତ ସ:ଆ:ସ **ୱ ଆଲୈକୁମ୍ ଅସ୍‌ସଲାମ୍** ମଧ୍ୟ କହିଲେ ଏବଂ ଏ ବିଷୟରେ ସାହାବ ର:ଅ ମାନଙ୍କୁ ମଧ୍ୟ କହିଲେ ଯେ ସେ ଶହିଦ୍ ହୋଇଯାଇଛନ୍ତି । *(ଫତହୁଲ୍‌ବାରୀ ଶରହ୍ ସହି ବୁଖାରୀ ଲି ଇମାମି ଇବ୍‌ନେ ହଜର୍ ଅସ୍‌କଲାନି ଖଣ୍ଡ-୭, ପୃ-୪୮୮ କିତାବୁଲ୍ ମଗାଜି ହଦିସ୍ ନଂ-୪୦୮୬ କଦିମି କୁତୁବ୍‌ଖାନା କରାଚି)*

ହଜରତ ଖୁବୈବ୍ ବିନ୍ ଅଦି ର:ଅ ଓ ତାଙ୍କ ସାଥିମାନଙ୍କୁ ଶହୀଦ୍ କରାଯିବା ପରେ ରସୁଲୁଲ୍ଲାଃ ସ:ଆ:ସ ହଜରତ ଅମ୍‌ରୋ ବିନ୍ ଉମୈୟାଙ୍କୁ ନିର୍ଦ୍ଦେଶ ଦେଲେ ଯେ ମକ୍କା ଯାଅ ଓ ଏହି ଅତ୍ୟାଚାରର ଯିଏ ସୁତ୍ରଧାର ଅବୁ ସୁଫିୟାନ୍ ତାକୁ ହତ୍ୟା କରି ଦିଅ । ତା'ର ଦଣ୍ଡ ଏହା । ଆଁ ହଜରତ ସ:ଆ:ସ ହଜରତ ଯବ୍‌ବାର୍ ବିନ୍ ସଖର୍ ଅନ୍‌ସାରୀ ର:ଅଙ୍କୁ ମଧ୍ୟ ତାଙ୍କ ସହିତ ପଠାଇଲେ । ଏହି ଦୁଇ ଜଣ ମକ୍କାଠାରୁ ଆଠ ମାଇଲ୍ ବ୍ୟବଧାନରେ ଥିବା ଏକ ଉଜଜ୍ ନାମକ ଉପତ୍ୟକାର ଘାଟିରେ ନିଜର ଓଟକୁ ବାନ୍ଧିଦେଇ ରାତ୍ରି ସମୟରେ ମକ୍କା ଭିତରେ ପ୍ରବେଶ କଲେ । ହଜରତ ଜବ୍‌ବାର୍ ର:ଅ ହଜରତ ଅମ୍‌ରୋ ର:ଅଙ୍କୁ କହିଲେ ଯେ କାଳେ ଆମେ ମକ୍କାରେ ତୱାଫ୍ ପରିକ୍ରମା କରିପାରନ୍ତେ ଓ ଦୁଇ ରେକାତ ନମାଜ ପାଠ କରିପାରନ୍ତେ ଅର୍ଥାତ କାବାରେ ଦୁଇ ରେକାତ୍ ନମାଜ ପଢ଼ିପାରନ୍ତେ । ହଜରତ ଅମ୍‌ରୋ ତାଙ୍କୁ କହିଲେ ଯେ କୁରୈଶ୍‌ମାନଙ୍କର ଏ ଅଭ୍ୟାସ ଅଛି କି ସେମାନେ ରାତିରେ ଖାଇ ସାରିବା ପରେ ନିଜ ପ୍ରାଗଣରେ ବସିଯାଆନ୍ତି ତେଣୁ ଆମେ କାଳେ ଧରା ନ ପଡ଼ିଯିବା । ଏଥିରେ ହଜରତ ଜବ୍‌ବାର ର:ଅ କହିଲେ ଇନ୍‌ଶାଅଲ୍ଲାଃ ଏପରି କଦାପି ହେବ ନାହିଁ । ହଜରତ ଅମ୍‌ରୋ ବର୍ଣ୍ଣନା କରୁଛନ୍ତି ଯେ ପୁଣି ଆମେ କାବା ପରିକ୍ରମା କଲୁ ଏବଂ ଦୁଇ ରେକାତ୍ ନମାଜ ପାଠ କଲୁ । ତା'ପରେ ଆମେ ପୁଣି ଅବୁ ସୁଫିୟାନ୍‌ଙ୍କୁ ଖୋଜିବା ପାଇଁ ବାହାରିଲୁ । ସେତିକି ବେଳେ, ଯେତେବେଳେ ଆମେ ପାଦରେ ଚାଲିଚାଲି ଯାଉଥିଲୁ ମକ୍କାରେ ଜଣେ ଲୋକ ଆମକୁ ଦେଖିନେଲେ । ଓ ମତେ ଚିହ୍ନିନେଲା । ତା'ପରେ ମତେ କହିଲା ଇଏ ତ ଅମ୍‌ରୋ ବିନ୍ ଉମୈୟା ନିଶ୍ଚିତ ରୂପେ କୌଣସି ଦୁଷ୍ଟାମି କରିବା ନିୟତ୍ ନେଇ ଏଠାକୁ ଆସିଥିବ । ଏହା ଶୁଣି ମୁଁ ମୋ ସାଥିଙ୍କୁ କହିଲି ଏଠାରୁ ବଂଚି ଚାଲିଯାଅ । ପୁଣି ଆମେ ବହୁତ ଶିଘ୍ର ସେଠାରୁ ଚାଲିଗଲୁ ଓ ଏକ ପାହାଡ଼ ଉପରେ ଚଢ଼ିଗଲୁ । ସେମାନେ ମଧ୍ୟ ଆମ ଅନ୍ୱେଷଣରେ ଆସିଲେ । ଯେତେବେଳେ ଆମେ ପାହାଡ଼ର ଶିଖର ଉପରେ ଚଢ଼ିଗଲୁ, ସେମାନେ ନିରାଶ ହୋଇ ଫେରିଗଲେ । ପୁଣି ଆମେ ତଳକୁ ଓହ୍ଲାଇ ପାହାଡ଼ର ଏକ ଗୁମ୍ଫାରେ ପଶିଗଲୁ, ପଥର ଏକାଠି କରି ତଳ ଉପରେ ରଖି ସେଠାରେ ରାତି ବିତାଇଲୁ । ସକାଳ ହେବାପରେ ସେହି ବାଟଦେଇ ଜଣେ କୁରୈଶ ତା ଘୋଡ଼ାକୁ ନେଇ ଯାଉଥିଲା । ଆମେ ପୁରି ଗୁମ୍ଫା ଭିତରେ ପଶି ଲୁଚିପଡ଼ିଲୁ । ମୁଁ କହିଲି ଯଦି ସେ ଆମକୁ ଦେଖି ନେଇଥିବ ତେବେ ପାଟି କରି କୋଳାହଳ କରିବ ତେରୁ ତାକୁ ଧରି ମାରିଦେବାଟା ଠିକ୍ ହେବ । ହଜରତ ଅମ୍‌ରୋ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୋ ପାଖରେ ଗୋଟିଏ ଖଞ୍ଜର ଅର୍ଥାତ ଏକ ପ୍ରକାରର ଛୁରୀ ସଦୃଶ ଅସ୍ତ୍ର ଥିଲା । ଯାହାକୁ ମୁଁ ଅବୁ ସୁଫିୟାନ୍ ପାଇଁ ପ୍ରସ୍ତୁତ କରିଥିଲି । ମୁଁ ସେହି ଖଞ୍ଜର୍ ଯୋଗେ ଉକ୍ତ ବ୍ୟକ୍ତିର ଛାତିକୁ ଆକ୍ରମଣ କଲି । ଏଥିରେ ସେ ଏତେ ଜୋର୍‌ରେ ପାଟିକଲା ଯେ ମକ୍କାର ଅଧିବାସୀମାନେ ତା'ର ପାଟି ଶୁଣିନେଲେ । ସେ କହୁଛନ୍ତି ଯେ ମୁଁ ପୁନର୍ବାର ନିଜ ସ୍ଥାନରେ ଆସି ଲୁଚିଗଲି । ଯେତେବେଳେ ଲୋକମାନେ ଶିଘ୍ର ଶିଘ୍ର ଆସି ତା ନିକଟରେ ପହଂଚିଲେ ସେ ତା'ର ଶେଷ ନିଶ୍ୱାସ ନେଉଥିଲା । ସେମାନେ ତାକୁ ପଚାରିଲେ ଯେ ତୁମକୁ କିଏ ଆକ୍ରମଣ କଲା ? ସେ କହିଲା ଅମ୍‌ରୋ ବିନ୍ ଉମୈୟା । ତା'ପରେ ସେ ମରିଗଲା । କିନ୍ତୁ ସେ ଆମେ ଲୁଚିଥିବା ସ୍ଥାନରେ ଠିକଣା ବତାଇ ପାରିଲା ନାହିଁ ।

ସେ ଯୁଗରେ ଏହିପରି ପରିସ୍ଥିତି ଥିଲା ଯେ ଯଦି ଶତ୍ରୁଙ୍କୁ ଜଣାପଡ଼ି ଯାଉଥିଲା ତେବେ ପୁଣି ଜଣେ ଅନ୍ୟଜଣଙ୍କର ଭିଷଣ ବିରୋଧି ହୋଇଥିବା ଯୋଗୁଁ, ଏହି ପରି ହେଉଥିଲା କି ହତ୍ୟା କରାଦିଅ । ସେମାନଙ୍କୁ ଏ ସନ୍ଦେହ ରହୁଥିଲା ଯେ ଯେହେତୁ ସେ ଆମକୁ ଦେଖିନେଇଛି ସେ ଏବେ ଆମେ ବିଷୟରେ ବତାଇ ଦେବ ଫଳତଃ କୁଫାର୍ (ଅବିଶ୍ୱାସୀକାରୀ)ମାନେ ଆମକୁ

ଅନ୍ୱେଷଣ କରି ଆସିବେ ଓ ପୁଣି ଆମକୁ ହତ୍ୟା କରିଦେବେ । ତେଣୁ ତା ପୂର୍ବରୁ ସେମାନେ ପ୍ରତିରକ୍ଷାମୁଳକ ପଦକ୍ଷେପ ନେଇ ଏପରି କଲେ । ସେ ଯାହା ହେଉ ସେ କହୁଛନ୍ତି ଯେ ଉକ୍ତ ବ୍ୟକ୍ତି ଜଣକ ଆମ ଠିକଣା ବତାଇ ପାରିଲା ନାହିଁ । ସେମାନେ ତାଙ୍କୁ ଉଠାଇ ନେଇଗଲେ । ସନ୍ଧ୍ୟାବେଳକୁ ମୁଁ ମୋ ସାଥିଙ୍କୁ କହିଲି ଆମେ ଏବେ ସୁରକ୍ଷିତ ସୁତରାଂ ଆମେ ଗୋଟିଏ ଦଳ ନିକଟ ଦେଇ ଗଲୁ ଯେଉଁମାନେ ହଜରତ ଖୁବୈବ୍ ବିନ୍ ଅଦି ର:ଅଙ୍କ ମରଶରୀରକୁ ସୁରକ୍ଷା ଦେଉଥିଲେ । ସେହି ଲୋକମାନଙ୍କ ମଧ୍ୟରୁ ଜଣେ ହଜରତ ଅମ୍ରୋ ର:ଅଙ୍କୁ ଦେଖି କହିଲା ଯେ ଖୁଦାଙ୍କ ରାଣ ! ଯେତେ ମାତ୍ରାରେ ଏହି ଲୋକର ଚାଲିବା ଶୈଳୀ ଅମ୍ରୋ ବିନ୍ ଉମୈୟା ସହିତ ମିଶୁଛି ତା'ଠାରୁ ଅଧିକା ମୁଁ ଏହା ପୂର୍ବରୁ  କେବେ କାହାକୁ ଦେଖିନାହିଁ । ଯଦି ସେ ମଦିନାରେ ନଥାଆନ୍ତା ତେବେ ମୁଁ କହିଥାନ୍ତି ଯେ ଇଏ ହେଉଛି ଅମ୍ରୋ ବିନ୍ ଉମୈୟା । ହଜୁର ଅନୱର୍ ଅ:ବ:ଅ କହୁଛନ୍ତି: ଏଠାରେ ମଧ୍ୟ ଅଲ୍ଲାଃ ତାଲା ସେମାନଙ୍କ ଆଖିରେ ପରଦା ପକାଇଦେଲେ (ଅର୍ଥାତ ସେମାନେ ଚିହ୍ନିପରିଲେ ନାହିଁ) ସେ କହୁଛନ୍ତି ଯେ ହଜରତ ଖୁବୈବ୍ ର:ଅଙ୍କୁ ଯେଉଁ କାଠରେ ଲଟକାଇ ଦିଆଯାଇଥିଲା । ସେହି କାଠ ନିକଟରେ ଯେତେବେଳେ ହଜରତ ଜବ୍‌ବାର ର:ଅ ପହଂଚିଲେ, ଶିଘ୍ର ଶିଘ୍ର ତାହାକୁ ଉଠାଇ ଚାଲିଗଲେ । ସେହି ଲୋକମାନେ ମଧ୍ୟ ତାଙ୍କ ପଛରେ ଗୋଡ଼ାଇଲେ । ଆଉ ଏକ ରିୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ସେହିଲୋକମାନେ ମଦ ନିଶାରେ ଥିଲେ, ମାତାଲ୍ ଥିଲେ, କିଛି ଲୋକ ଚେଇଁ ଥିଲେ, କିଛି ଶୋଇପଡ଼ିଥିଲେ, କିଛି ଲୋକ ଭଙ୍ଗଉଥିଲେ । ସେ ଯାହାହେଉ ସେମାନଙ୍କୁ ଜଣାପଡ଼ିଲା ନାହିଁ ଏପଟେ ଇଏ ଶିଘ୍ରଶିଘ୍ର ନେଇ ପଳାଇଲେ । ପୁଣି ସେମାନଙ୍କୁ ଯେତେବେଳେ ଜଣାପଡ଼ିଲା ସେମାନେ ତାଙ୍କ ପଛରେ ଧାଇଁଲେ ଏପରି କି ଯେବେ ହଜରତ ଜବ୍‌ବାର ର:ଅ ଉଜଜ୍ ପାହାଡ଼ର ବନ୍ୟା ନାଳ ନିକଟରେ ପହଂଚିଲେ, ସେ ଉକ୍ତ କାଠଟିକୁ ତା ଭିତରେ ଫୋପାଡ଼ି ଦେଲେ । ସେମାନେ ମଧ୍ୟ ପଛରେ ପହଂଚିଲେ କିନ୍ତୁ ଅଲ୍ଲାଃ ତାଲା ଉକ୍ତ କାଠଟିକୁ ସେମାନଙ୍କ ଆଖିରୁ ଅଦୃଶ୍ୟ କରିଦେଲେ ଫଳତ ସେମାନେ ତାହାକୁ ପାଇପାରିଲେ ନାହିଁ । ହଜରତ ଅମ୍ରୋ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ମୋ ସାଥି ଅର୍ଥାତ ହଜରତ ଜବ୍‌ବାର ର:ଅଙ୍କୁ କହିଲି ଯେ ତୁମେ ଏଠାରୁ ଚାଲିଯାଅ ଓ ନିଜ ଓଟ ଉପରେ ଆରୋହଣ କରି ବାହାରି ପଡ଼ । ମୁଁ ସେହି ଲୋକମାନଙ୍କୁ ତୁମଠାରୁ ରୋକି ରଖିବି ।

ହଜରତ ଅମ୍ରୋ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଶୁଣି ଚାଲିଲି ଏପରି କି ଜୟାନ୍ ପାହାଡ଼ଠାରେ ପଂହଚିଗଲି, ଯାହା ମକ୍କାଠାରୁ ପଚିଶି ମାଇଲ୍ ଦୂରତାରେ ଅବସ୍ଥିତ । ମୁଁ ସେଠାରେ ଏକ ଗୁମ୍ଫା ଭିତରେ ଶରଣ ନେଲି ।

ସେଠାରୁ ବାହାରିଲି ଓ ଅରଜ୍ ନାମକ ସ୍ଥାନରେ ପହଂଚିଲି । ଯାହା ମଦିନାରୁ ୭୮ ମାଇଲ୍ ଦୁରତାରେ ଅବସ୍ଥିତ । ମୁଁ ଦୁଇଜଣ ଲୋକଙ୍କୁ ସେଠାରେ ଦେଖିଲି ଯାହାଙ୍କୁ କୁରୈଶ୍ ମଦିନାରେ ଗୁପ୍ତଚାର କାର୍ଯ୍ୟ କରିବା ପାଇଁ ପଠାଇଥିଲେ । ମୁଁ ତାଙ୍କୁ କହିଲି କି ହତିୟାର୍ ପକାଇ ଦିଅ । ଏକଥା ତ ଜଣାପଡ଼ିଗଲା ଯେ ତୁମେ ଗୋଇନ୍ଦାଗିରି କରିବା ପାଇଁ ଆସିଛ, କିନ୍ତୁ ସେମାନେ ମାନିଲେ ନାହିଁ । ସେଠାରେ ଯୁଦ୍ଧ ଆରମ୍ଭ ହୋଇଗଲା । ସେ କହୁଛନ୍ତି ଯେ ଜଣକୁ ତ ମୁଁ ତୀର ମାରି ହତ୍ୟା କଲି ଓ ଅନ୍ୟଜଣକୁ ବନ୍ଦୀ କରିଦେଲି । ପୁଣି ତାକୁ ବାନ୍ଧି ସାଥିରେ ମଦିନା ନେଇ ଆସିଲି ।

*(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍ ପୃ-୮୮୫-୮୮୬...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧) (ଅଲ୍‌ଅସାବାଃ......... ଖଣ୍ଡ-୨, ପୃ-୨୨୬.....ବେରୁତ ୨୦୦୧)*
(ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୬୦୩ ପୁସ୍ତକ "ୟା" ଖଣ୍ଡ-୩, ପୃ-୪୬ ପୁସ୍ତକ "ଫା")
(ମୁଅଯମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୨୨୫,୩୦୯, ଖଣ୍ଡ-୪, ପୃ-୪୦୦)

ଆଉ ଏକ ରିୱାୟତ ମୁତାବକ ହଜରତ ଅମ୍ରୋ ବିନ୍ ଉମୈୟା ଜମିରୀ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଏକାକୀ ଗୁପ୍ତଚର ରୂପେ ପଠାଇଥିଲେ। ଯେ ଖୁବୈବ୍‌ଙ୍କୁ (ଶହୀଦ୍ କରଯାଇଥିବା) କାଠାରୁ ଓହ୍ଲାଇ ଆଣିବି । ସେ କହୁଛନ୍ତି ଯେ ରାତ୍ରି ସମୟରେ ମୁଁ ହଜରତ ଖୁବୈବଙ୍କ କାଠ ନିକଟରେ ପହଂଚି ତା ଉପରେ ଚଢ଼ିଗଲି, ସେ ସମୟରେ ଭୟ ଲାଗୁଥିଲା ଯେ କାଳେ କିଏ ମତେ ଦେଖି ନ ଦେଉ । ଯେତେବେଳେ ମୁଁ ସେହି କାଠ ଟିକୁ ଛାଡ଼ି ଦେଲି ଫଳତଃ ଭୁଇଁ ଉପରେ ଆସି ପଡ଼ିଲି । ତା ପରେ ମୁଁ ଦେଖିବାକୁ ପାଇଲି ଯେ ଉକ୍ତ କାଠଟି ଏପରି ଅଦୃଶ୍ୟ ହୋଇଗଲା ଯେପରି ତାକୁ ମାଟି ଗିଳି ଦେଇଛି । ତାପରେ ସେବେଠାରୁ ନେଇ ଏପର୍ଯ୍ୟନ୍ତ ଖୁବୈବ୍‌ଙ୍କ ହାଡ଼ ସମ୍ବନ୍ଧରେ କିଛି ଚର୍ଚ୍ଚା ମିଳୁନାହିଁ ।

*(ଉସଦୁଲ୍ ଗାବାଃ ଫି ମାରେଫତୁସ୍ ସାହାବାଃ ଖଣ୍ଡ-୧, ପୃ-୬୮୪......ବେରୁତ ୨୦୦୩)*

ଆଉ ଏକ ରିୱାୟତ୍ ମୁତାବକ ହଜରତ ଅମ୍ରୋ ବିନ୍ ଉମୈୟା ଜମିରୀ ବର୍ଣ୍ଣନା କରୁଛନ୍ତି ଯେ ଯେବେ ମୁଁ ହଜରତ ଖୁବୈଦ୍‌ଙ୍କୁ ରସି ଇତ୍ୟାଦି (ବନ୍ଧା ଯାଇଥିବା) ଜିନିଷରୁ ମୁକୁଳାଇ ତଳେ ଶୁଆଇଦେଲି, ସେତେବେଳେ ମୁଁ ମୋ ପଛପଟେ ଏକ ଶବ୍ଦ ଶୁଣିବାକୁ ପାଇଲି । ପୂନର୍ବାର ଯେବେ ମୁଁ ସିଧା ହେଲି କିଛି ଦେଖାଗଲା ନାହିଁ ତାପରେ ଦେଖେ ତ ହଜରତ ଖୁବୈବ୍‌ଙ୍କ ମରଶରୀର ଅଦୃଶ୍ୟ ହୋଇଯାଇଥିଲା ।

*(ଇସ୍ତିଆଦ୍.......ଖଣ୍ଡ-୨, ପୃ-୨୫....... ବେରୁତ ୨୦୦୨)*

ତେବେ ପୂର୍ବରୁ ଯେଉଁ ରିୱାୟତ ବର୍ଣ୍ଣନା କରାଯାଇଥିଲା ତାହା ଅଧିକ ସଠିକ୍ ଲାଗୁଛି ଯେ ତାଙ୍କ ପଛରେ ଲୋକମାନେ ଗୋଡ଼ାଇବା ଯୋଗୁଁ ସେ ନଦିରେ ଫିଙ୍ଗିଦେଲେ ଏବଂ ନଦି ତାହାକୁ ବୁହାଇ ନେଇଗଲା ବା ଆଗପଛ କରିଦେଲା । ନଦିରେ ପାଣି ବହୁଥିଲା । ଏହିପରି ଭିନ୍ନ ଭିନ୍ନ ରିୱାୟତ ମିଳୁଛି । ସେ ଯାହା ହେଉ ସେ ଉକ୍ତ ନାମରେ ପ୍ରଶିଦ୍ଧ ହୋଇଯାଇଥିଲେ ଯେ ତାଙ୍କର ମରଶରୀର ଭୁଇଁରେ ଅଦୃଶ୍ୟ ହୋଇଗଲା ।

*(ଅଲ୍ ଅସାବାଃ.........ଖଣ୍ଡ-୨, ପୃ-୨୨୬.........ବେରୁତ ୨୦୦୫)*

ସୁତରାଂ ସେହି କୁଫାର୍ (ଅର୍ଥାତ ଅମାନ୍ୟକାରୀମାନେ ) ଯେଉଁମାନେ କିଛି କରିବାକୁ ଚାହୁଁଥିଲେ କିଛି ଜାଣିପାରିଲେ ନାହିଁ । ସେହି ମରଶରୀରକୁ ସେମାନେ ଅସମ୍ମାନ କରିପାରିଲେ ନାହିଁ । ଅଲ୍ଲାଃ ତାଲା ତାହାକୁ ସୁରକ୍ଷିତ ରଖିଲେ ।

ଆଉ ଏକ ରିୱାୟତ ହଜରତ ଖୁବୈବ୍ ବିନ୍ ଅଦି ର:ଅଙ୍କ ବନ୍ଦି ହେବା ସମ୍ବନ୍ଧରେ ଏପରି ମଧ୍ୟ ଆସୁଛି ଯେ ମାୱିୟା ହୁଜୈର୍ ବିନ୍ ଅବୁ ଇହାବ୍‌ଙ୍କ ଦ୍ୱାରା ସ୍ୱାଧିନ ହୋଇଥିବା କ୍ରୀତଦାସୀ ଥିଲେ । ମକ୍କାରେ ତାଙ୍କ ଘରେ ହିଁ ହଜରତ ଖୁବୈବ୍ ବିନ୍ ଅଦି ର:ଅ ବନ୍ଦି ହୋଇ ରହିଥିଲେ, ଯେବେ ହୁର୍‌ମତ (ଅର୍ଥାତ ଯେଉଁ ଦିନଗୁଡ଼ିକରେ କାହାକୁ ହତ୍ୟା କରାଯାଏ ନାହିଁ)ର ମାସ ଶେଷ ହେବା ପରେ ତାଙ୍କୁ ହତ୍ୟାକରାଯିବ । ମାୱିୟା ପରେ ଇସଲାମ୍ ଗ୍ରହଣ କରିନେଇଥିଲେ ଓ ସେ ଜଣେ ଭଲ ମୁସଲମାନ ବିବେଚିତ ହେଲେ ।

ମାୱିୟା ପରେ ଏ ଘଟଣାକୁ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃଙ୍କ ରାଣ ମୁଁ ହଜରତ ଖୁବୈବ୍‌ଙ୍କଠାରୁ ଉତମ (ବ୍ୟକ୍ତି) କାହାକୁ ଦେଖିନାହିଁ । ମୁଁ ତାଙ୍କୁ କବାଟ ଫାଙ୍କରେ ଦେଖୁଥାଏ, ସେ ଜଞ୍ଜିରରେ ବନ୍ଧାହୋଇଥିଲେ । ମୁଁ ଜାଣିଛି ଯେ ସେ ସମୟରେ ପୃଥିବୀ ପୃଷ୍ଠରେ ଖାଇବା ପାଇଁ ଅଙ୍ଗୁର ର ଗୋଟିଏ ଦାନ ମଧ୍ୟ ନଥିଲା । ସେ ଇଲାକାରେ କେଉଁଠି ଅଙ୍ଗୁର ନଥିଲା । କିନ୍ତୁ ହଜରତ ଖୁବୈବ୍‌ଙ୍କ ହାତରେ ମଣିଷ ମୁଣ୍ଡ ଆକାରର ଅଙ୍ଗୁର ପେନ୍ଥା ଥିଲା, ସେଥିରୁ ସେ ଖାଉଥିଲେ । ଅର୍ଥାତ ବହୁତ ବଡ଼ ପେନ୍ଥା ଥିଲା । ତାହା ଅଲ୍ଲାଃଙ୍କ ରିଜ୍‌କ (ଅର୍ଥାତ ଜୀବିକା) ବ୍ୟତିତ ଆଉ କିଛି ନଥିଲା । ହଜରତ ଖୁବୈବ୍ ର:ଅ ତହଯୁଦ୍‌ରେ କୁର୍‌ଆନ୍ ପଢ଼ନ୍ତି, ମହିଳାମାନେ ତାହା ଶୁଣି କାନ୍ଦିପଡ଼ନ୍ତି ଓ ଖୁବୈବ ର:ଅଙ୍କ ଉପରେ ଦୟା ମନୋଭାବ ପୋଷଣ କରନ୍ତି ।

ସେ କହୁଛନ୍ତି ଯେ ଦିନେ ମୁଁ ହଜରତ ଖୁବୈବ୍‌ଙ୍କୁ ପଚାରିଲି ହେ ଖୁବୈବ୍! କଣ ତୁମର କିଛି ଆବଶ୍ୟକ ଅଛି, ସେ ଉତରରେ କହିଲେ ନାହିଁ । ହଁ ଗୋଟିଏ କଥା ଅଛି ଯେ ମତେ ଥଣ୍ଡା ପାଣି ପିଆଇ ଦିଅ ଓ ମତେ ପ୍ରତିମା / ପିତୁଳା ନାମରେ ଜେଭ କରାଯାଇଥିବା ପଶୁର ମାଂସ ଦେବ ନାହିଁ । ତୁମେ ମାନେ ଯେଉଁ ଖାଦ୍ୟ ଦେଉଛ, ସହି ଖାଦ୍ୟ କଦାପି ଦେବ ନାହିଁ ଯାହାକୁ ପ୍ରତିମା / ପିତୁଳା ନାମ ନେଇ ଜେଭ କରାଯାଇଥିବ । ଏବଂ ତୃତୀୟ କଥା ହେଉଛି ଏହା କି ଯେତେବେଳେ ଲୋକମାନେ ମତେ ହତ୍ୟା କରିବାକୁ ମନସ୍ଥ କରିବେ ମତେ ବତାଇ ଦେବ । ପୁଣି ଯେବେ ହୁର୍‌ମତ୍ ମାସଗୁଡ଼ିକ ବିତିଗଲା ଓ ଲୋକମାନେ ହଜରତ ଖୁବୈବ୍‌ଙ୍କୁ ହତ୍ୟା କରିବା ପାଇଁ ସହମତ ହେଲେ, ସେ କହୁଛନ୍ତି କି ମୁଁ ତାଙ୍କ ନିକଟକୁ ଯାଇ ଏହି ଖବର ଦେଲି । ସେ କହୁଛନ୍ତି ଯେ ଅଲ୍ଲାଃଙ୍କ ରାଣ ! ସେ ହତ୍ୟା ହେବା ଯୋଗୁଁ କିଛି ପରବାଏ କଲେ ନାହିଁ । ସେ ମତେ କହିଲେ ମୋ ପାଖକୁ ଅସ୍ତୁରା ପଠାଇ ଦିଅ ଯଦ୍ୱାରା ମୁଁ ନିଜେ ନିଜକୁ ପ୍ରସ୍ତୁତ କରିନେବି । ସେ କହୁଛନ୍ତି ଯେ ମୁଁ ନିଜ ପୁଅ ଅବୁ ହୁସେନ୍ ହାତରେ ଅସ୍ତୁରା ପଠାଇଲି । ସେ କହୁଛନ୍ତି ଯେ ଏହି ପୁଅ ମୋର ନିଜ ପୁଅ ନଥିଲା । ବରଂ ମାୱିୟା କେବଳ ତାଙ୍କର ଲାଳନପାଳନ କରିଥିଲେ, ଏହି କଥା ଲେଖାଯାଇଛି । ଯେତେବେଳେ ପିଲାଟି ଚାଲିଗଲା, ସେ କହୁଛନ୍ତି ଯେ ମୋ ମନ ଭିତରେ ଏକଥା ଖିଆଲ୍ ଆସିଲା ଯେ ଅଲ୍ଲାଃଙ୍କ ରାଣ ! ଖୁବୈବ୍ ନିଜର ପ୍ରତିଶୋଧ ନେବ । ଏବେ ମୋ ପୁଅ ତାଙ୍କ ନିକଟରେ ଓ ତାଙ୍କ ହାତରେ ଅସ୍ତୁରା ରହିଛି । ତେଣୁ ସେ ନିଶ୍ଚିତ ରୂପେ ପ୍ରତିଶୋଧ ନେବ । ମୁଁ କ'ଣ କଲି ? ମୁଁ ଏହି ପିଲାଟି ହାତରେ ଅସ୍ତୁରା ଦେଇ କାହିଁ ପଠାଇଲି । ଖୁବୈବ୍ ଏହି ପିଲାଟିକୁ ଅସ୍ତୁରା ସାହାଯ୍ୟରେ ହତ୍ୟା କରିଦେବ ଓ ପୁଣି କହିବ ଯେ ପୁରୁଷ ବଦଳରେ ପୁରୁଷ । ରିୱାୟତ୍ ତ ଏହା ଆସୁଛି ଯେ ପିଲାଟି ଖେଳ କୁଦ ଅବସ୍ଥାରେ ଖୁବୈବ୍‌ଙ୍କ ନିକଟକୁ ଚାଲିଗଲା । ଖୁବୈବ୍‌ଙ୍କ ହାତରେ ଅସ୍ତୁରା ଥିଲା । କିନ୍ତୁ ଆଉ ଏକ ରିୱାୟତ୍‌ରେ ଏପରି ବର୍ଣ୍ଣିତ ଅଛି ଯେ ପିଲାଟି ବୁଦ୍ଧିଜ୍ଞାନ ରଖିଥିଲା । ଯଦ୍ୱାରା ସେ ଏ ଯୋଗ୍ୟଥିଲା ଯେ ତା ହାତରେ କୌଣସି ଜିନିଷ ପଠାଇ ଦିଆଯାଇପାରେ । ତେଣୁ ସେ ତାଙ୍କୁ ପଠାଇଦେଲେ । ସୁତରାଂ ସେ କହୁଛନ୍ତି ଯେ ଯେତେବେଳେ ପୁଣି ମୋ ପୁଅ ତାଙ୍କ ନିକଟରେ ଅସ୍ତୁରା ଧରି ପହଂଚିଲା ସେତେବେଳେ ସେ ସେହି ଅସ୍ତୁରାଟିକୁ ତାଠାରୁ ନେଇ ମଜାଳିଆ ଢ଼ଙ୍ଗରେ ସେ ପିଲାଟିକୁ କହିଲେ ଯେ ତୁମେ ବହୁତ ବାହାଦୁର୍ । କ'ଣ ତୁମ ମାଆକୁ ମୋ ଗଦ୍ଦାରି କରିବାର କୌଣସି ଭୟନାହିଁ ଯେ ତୁମ ହାତରେ ମୋ ନିକଟକୁ ଅସ୍ତୁରା ଦେଇ ପଠାଇଛନ୍ତି । ଯେବେ କି ତୁମେମାନେ ମୋତେ ହତ୍ୟା କରିବାର ମନସ୍ଥ ମଧ୍ୟ କରିସାରିଛ । ହଜ୍‌ରତ୍ ମାୱିୟା ବର୍ଣ୍ଣନା କରିଛନ୍ତି ଯେ ଖୁବୈବ୍‌ଙ୍କର ଏକଥା ମୁଁ ଶୁଣିଲି । ଏଥିରେ ମୁଁ କହିଲି ହେ ଖୁବୈବ୍ ମୁଁ ଅଲ୍ଲାଃଙ୍କ ଶରଣ ଯୋଗୁ ତୁମଠାରୁ ନିର୍ଭୟରେ ରହିଛି ଓ ମୁଁ ତୁମ ଠାକୁରଙ୍କ ଉପରେ ଭରଷା କରି ଏହି ପିଲାଟି ହାତରେ ଅସ୍ତୁରା ଧରାଇ ତୁମ ନିକଟକୁ ପଠାଇଲି । ମୁଁ ଏଥିପାଇଁ ପଠାଇନାହିଁ ଯେ ତୁମେ ଏହାଦ୍ୱାରା ମୋ ପୁଅକୁ ହତ୍ୟା କରିଦେବ । ହଜ୍‌ରତ୍ ଖୁବୈବ୍ କହିଲେ ଯେ ମୁଁ ଏପରି ନୁହେଁ କି ଏହି ପିଲାଟିକୁ ହତ୍ୟା କରିଦେବି । କାରଣ ଆମେ ଆମ ଧର୍ମରେ ଗଦ୍ଦାରି କରିବାକୁ ଉଚିତ୍ ମଣିନଥାଉ । ସେ ପୁଣି କହୁଛନ୍ତି ଯେ ତା'ପରେ ମୁଁ ଖୁବୈବ୍‌ଙ୍କୁ ଏ ଖବର ଦେଲି ଯେ ଲୋକମାନେ କାଲି ସକାଳେ ତୁମକୁ ଏଠାରୁ ନେଇ ହତ୍ୟା କରିବେ । ପୁଣି ଏପରି ହେଲା ଯେ ତା'ପରଦିନ ଲୋକମାନେ ତାଙ୍କୁ ଜଞ୍ଜିରରେ ବାନ୍ଧି ମକ୍କାରୁ ମଦିନା ଯାଉଥିବା ରାସ୍ତାର ତିନିମାଇଲ୍ ଦୂରତାରେ ଅବସ୍ଥିତ ତନ୍‌ଇମ୍ ନାମକ ସ୍ଥାନକୁ ନେଇଗଲେ । ସେଠାରେ ଖୁବୈବ୍‌ଙ୍କ ହତ୍ୟା କରାଯିବାର ଦୃଶ୍ୟକୁ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ଦେଖିବା ପାଇଁ ଛୋଟ ଛୋଟ ପିଲାମାନେ, ମହିଳାମାନେ, ଗୁଲାମ୍‌ମାନେ ଏବଂ ମକ୍କାର ଅନେକ ଲୋକ ସେଠାରେ ପହଂଚିଗଲେ  ଏବଂ ଏହି ରଓ୍ୱାୟତ୍ ମୁତାବକ କେହି ମଧ୍ୟ ମକ୍କାରେ ରହିନଥିଲେ ।

ଯେଉଁମାନେ ପ୍ରତିଶୋଧ ଚାହୁଁଥିଲେ, ସେମାନଙ୍କ ପରିବାରର ବଡ ମାନଙ୍କୁ ଯୁଦ୍ଧରେ ମାରି ଦିଆଯାଇଥିଲା, ସେମାନେ ହତ୍ୟାର ପ୍ରତିଶୋଧ ନେବାକୁ ଚାହୁଁଥିଲେ । ସେମାନେ ନିଜର ଆଖିକୁ ଶୀତଳତା ପହଂଚାଇବା ପାଇଁ ସେଠାରେ ଯାଇ ପହଂଚିଥିଲେ । ସେହିପରି ଯେଉଁମାନେ ପ୍ରତିଶୋଧ ନେବାକୁ ଚାହୁଁନଥିଲେ କିନ୍ତୁ ଇସ୍‌ଲାମ୍ ଓ ମୁସଲ୍‌ମାନ୍‌ମାନଙ୍କର ବିରୋଧି ଥିଲେ ସେମାନେ ସେମାନଙ୍କର ବିରୋଧକୁ ପ୍ରକାଶ କରିବା ପାଇଁ ଏବଂ ଖୁସି ହେବାପାଇଁ ସେଠାରେ ଯାଇଁ ପହଂଚିଥିଲେ ଯେ ଦେଖିବେ ଯେ କିପରି ତାଙ୍କୁ  ହତ୍ୟା କରାଯାଉଅଛି । ପୁଣି ଯେତେବେଳେ ହଜ୍‌ରତ୍ ଖୁବୈବ୍‌ଙ୍କୁ ଜଏଦ୍ ବିନ୍ ଦସନାଙ୍କ ସହିତ ତନିମ୍ ସ୍ଥାନକୁ ନେଇ ପହଂଚିଗଲେ ସେତେବେଳେ ମୁସ୍‌ରିକ୍ ମାନଙ୍କ ନିର୍ଦ୍ଦେଶରେ ଗୋଟିଏ ବହୁତ ବଡ ଲମ୍ୱା କାଠକୁ ପୋତିଦିଆଗଲା । ପୁଣି ସେମାନେ ଖୁବୈବ୍‌ଙ୍କୁ ସେହି କାଠ ନିକଟରେ ନେଇ ପହଂଚିଲେ । ସେଠାରେ ଛିଡ଼ା କରାଯିବା ପରେ ଖୁବୈବ୍ ର:ଅ କହିଲେ କଣ ମୋତେ ଦୁଇରେକାତ୍ (ନମାଜ) ପଢ଼ିବାର ମୋହଲତ ମିଳିପାରିବ କି ? ଏଥିରେ ସେ ଲୋକମାନେ କହିଲେ ହଁ । ସୁତରାଂ ହଜ୍‌ରତ୍ ଖୁବୈବ୍ ର:ଅ ଦୁଇରେକାତ୍ ନଫଲ୍ ସଂକ୍ଷିପ୍ତରେ ପାଠ କଲେ ଓ ତାହାକୁ ଲମ୍ୱା କଲେନାହିଁ । ଏହା ସେହି ମହିଳାଙ୍କର ହେଉଛି ରିଓ୍ୱାୟତ୍ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୮, ପୃଷ୍ଠା-୩୯୯....ବେରୁତ୍ ୧୯୯୬) (ସହି ବୁଖାରୀ କିତାବୁଲ ଜିହାଦ....ହଦିସ୍ ନଂ ୩୦୪୫) (ଉସଦୁଲ୍‌ଗାବାଃ, ଖଣ୍ଡ-୧, ପୃଷ୍ଠା-୬୮୩ ହାଶୟା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩) ।

ଇବ୍‌ନେ ସାଆଦ୍‌ଙ୍କ ଯେଉଁ ବର୍ଣ୍ଣନା ଏଠାରେ କରାଗଲା ତାହା ମୁତାବକ ମାଓ୍ୱିୟା ହଜିର୍ ବିନ୍ ଅବୁ ଇହାବ୍‌ଙ୍କ ଦ୍ୱାରା ସ୍ୱାଧିନ ହୋଇଥିବା କ୍ରୀତଦାସ ଥିଲେ, ଯାହାଙ୍କ ଘରେ ହଜ୍‌ରତ୍ ଖୁବୈବ୍ ର:ଅଙ୍କୁ ବନ୍ଦି କରା ରଖାଯାଇଥିଲା ।

ଅଲ୍ଲାମା ଇବ୍‌ନେ ଅବ୍‌ଦୁଲ୍ ବିର୍‌ଙ୍କ ମୁତାବକ ହଜ୍‌ରତ୍ ଖୁବୈବ୍ ର:ଅ ଅକ୍‌ବାଙ୍କ ଘରେ ବନ୍ଦି ଥିଲେ ।  ଅକ୍‌ବାଙ୍କ ସ୍ତ୍ରୀ ତାଙ୍କୁ ଖାଇବାକୁ ଦେଉଥିଲେ ଓ ଖାଇବା ସମୟରେ ସେ ହଜ୍‌ରତ୍ ଖୁବୈବ୍‌ଙ୍କୁ ଖୋଲି ଦେଉଥିଲେ । (ଅଲ୍ ଇସ୍‌ତିଆବ୍.... ଖଣ୍ଡ-୨, ପୃଷ୍ଠା-୨୫ "ଖୁବୈବ୍ ବିନ୍ ଅଦି" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨ ଅଲ୍ଲାମା ଇବ୍‌ନେ ଅସିର୍ ଜଜ୍‌ରି ଲେଖୁଛନ୍ତି ଯେ ହଜ୍‌ରତ୍ ଖୁବୈବ୍ ର:ଅ ପ୍ରଥମ ସାହାବି ଥିଲେ ଯାହାଙ୍କୁ ଅଲ୍ଲାଃତାଲାଙ୍କ ଖାତିର୍ ଶୁଳି ଦିଆଯାଇଥିଲା । (ଉସୁଦୁଲ୍‌ଗାବା ଫି ମାରେଫତୁ ସାହାବା, ଖଣ୍ଡ-୧, ପୃଷ୍ଠା-୬୮୩.... ବେରୁତ ୨୦୦୩) ଅର୍ଥାତ୍ ପ୍ରଥମେ ଖୁଂଟ ପୋତାଗଲା, ତା ପରେ ଖୁବୈବ୍‌ଙ୍କୁ ସେଥିରେ ବାନ୍ଧି ଶହିଦ୍ କରିଦିଆଗଲା ।

ଏହି ହତ୍ୟାର ଘଟଣା ସମ୍ବନ୍ଧର ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି ଯେ "ଏହି ତମାସାକୁ ଦେଖିବା ଲୋକମାନଙ୍କ ମଧ୍ୟରେ ମକ୍କାର ରଇସ ଅବୁ ସୁଫିୟାନ୍ ମଧ୍ୟ ଥିଲା । ସେ ଜଏଦ୍ ର:ଅଙ୍କ ଆଡକୁ  ଚାହିଁ ପଚାରିଲା ଯେ କଣ ତୁମେ ଏକଥାକୁ ପସନ୍ଦ କରୁଛି କି ମୁହମ୍ମଦ୍ ତୁମ ସ୍ଥାନରେ ରହୁ ଓ ତୁମେମାନେ ଯାଇ ଘରେ ଆରାମ୍‌ରେ ରୁହ ?" (ସ:ଆ:ସ) "ଜଏଦ୍ ବହୁତ କ୍ରୋଧର ସହିତ ଉତର ଦେଲା ଯେ ଅବୁ ସୁଫିୟାନ୍ ! ତୁମେ  କି କଥା କହୁଛ ? ଅଲ୍ଲାଃଙ୍କ ରାଣ, ମୋ ପାଇଁ ତ ମରିବା ତା ଠାରୁ ଉତମ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଦରେ ମଦିନାର ଗଳି ମଧ୍ୟରେ ଗୋଟିଏ କଂଟା ମଧ୍ୟ ଫୁଟିଯାଉ । (ଅର୍ଥାତ୍ ମୁଁ ତ ମୁହମ୍ମଦ୍ ସ:ଆ:ସଙ୍କ ପାଦତଳେ ଗୋଟିଏ କଂଟା ଫୁଟିବାକୁ ମଧ୍ୟ ଦେବିନାହିଁ, ତାଠାରୁ ମୋ ନିଜର ମୃତ୍ୟୁକୁ ମଧ୍ୟ ସ୍ୱୀକାର କରିନେବି) । ଏହି ପ୍ରକାର ଉତ୍ସର୍ଗୀକୃତ ମନୋଭାବକୁ ଦେଖି ଅବୁ ସୁଫିୟାନ୍ ଅଭିଭୁତ ହୋଇ ରହିଗଲା । "ଏ ଯେଉଁ ଉତର ଥିଲା ଅବୁ ସୁଫିୟାନ୍ ଏଥିରେ ବହୁତ ପ୍ରଭାବିତ ହେଲା" ସେ ବହୁତ ଆଶ୍ଚର୍ଯ୍ୟଚକିତ ହୋଇ ଜଏଦ୍‌ଙ୍କ ଆଡକୁ ଦେଖିଲା ଓ ତତ୍‌କ୍ଷଣାତ୍ ଧିରେଧିରେ କହିବାକୁ ଲାଗିଲା ଯେ ଇଶ୍ୱର ସାକ୍ଷୀ ଅଛନ୍ତି କି ଯେଉଁଭଳି ମୁହମ୍ମଦ୍ ସ:ଆ:ସଙ୍କ ସାଥିମାନେ ମୁହମ୍ମଦ୍ ସ:ଆ:ସଙ୍କ ସହିତ ପ୍ରେମ ଭାବ ରଖିଛନ୍ତି, ମୁଁ ଏପରି କାହା ସହିତ ପ୍ରେମଭାବ ରଖିଥିବା ବ୍ୟକ୍ତିକୁ କେବେ କେଉଁଠାରେ ଦେଖିନାହିଁ" (ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃଷ୍ଠା-୨୬୨-୨୬୩)

ଏହା ଥିଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାହାବାଙ୍କର ପ୍ରେମ ଓ ଭକ୍ତିଭାବର ସମ୍ପର୍କ ଓ ଜୀବନ ଉତ୍ସର୍ଗ କରିଦେବାର ସ୍ତର ମଧ୍ୟ । ପୁଣି ଅଲ୍ଲାଃତାଲାଙ୍କର ଯେଉଁ ବ୍ୟବହାର ସେମାନଙ୍କ ସହିତ ଥିଲା, ତାହା ମଧ୍ୟ ପ୍ରକାଶ ହୋଇଗଲା ଯେ ସେମାନଙ୍କର କି ପ୍ରକାର ସ୍ତର ଥିଲା । ଯେତେବେଳେ ସେ ଏକଥା କହିଲେ ଯେ ଯେବେ ମୁଁ ଖୁଦାତାଲାଙ୍କ ରାସ୍ତାରେ ମୃତ୍ୟୁବରଣ କରୁଅଛି ତେବେ ଯେଉଁ କଡରେ ପଡିଲେ ମଧ୍ୟ କିଛି ଫରକ ପଡେନାହିଁ । ଡାହାଣପଟେ ପଡେ ବା ବାମପଟେ, ଆଗକୁ ପଡେ ବା ପଛକୁ, ମୁଁ ତ ଖୁଦାତାଲାଙ୍କ ଖାତିର୍ ଜୀବନ ଅର୍ପଣ କରୁଅଛି । (ଉସଦୁଲ୍ ଗାବା.... ଖଣ୍ଡ-୧, ପୃଷ୍ଠା-୬୮୩, ଖୁବୈବ୍ ବିନ୍ ଅଦି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩)

ଏହା ତାଙ୍କର ଏକ ଅଭିଳାସ ଥିଲା ଯାହାକୁ ସେ ହତ୍ୟା ହେବା ପୂର୍ବରୁ ହିଁ ପରିପ୍ରକାଶ କଲେ ଓ ତାହା ମଧ୍ୟ ଏହା କି ମୁଁ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୁଏ ଓ ଦୁଇରେକାତ୍ ନଫିଲ୍ ପଢିନିଏ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସଲାମ ପହଂଚାଇବାର ମଧ୍ୟ ମନସ୍କାମନା ଥିଲା, ଇଛା ଥିଲା । ତେବେ ତାହା ମଧ୍ୟ ଅଲ୍ଲାଃତାଲା ପୂରଣ କରିଦେଲେ ଓ ତାହା ମଧ୍ୟ ପହଂଚାଇଦେଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମଭାବର ଅବସ୍ଥା ଏପରି ଥିଲା ଯେ ଏକଥା ମଧ୍ୟ ବରଦାସ୍ତ ହେଲାନାହିଁ କି ଆପଣ ସ:ଆ:ସଙ୍କ ପାଦରେ କଂଟା ମଧ୍ୟ ଫୁଟିଯାଉ ଓ ତା ବଦଳରେ ଆମ ଜୀବନ ବଂଚିଯାଉ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଳ୍ପ ଟିକିଏ ଦୁଃଖ ମଧ୍ୟ ପହଂଚିବା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ନିଜ ଜୀବନ ପାଇଁ କୌଣସି ପରବାୟ ନଥିଲା । ସେଇଥିପାଇଁ ତ ଏହି ଲୋକମାନେ ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ବାଲା ଥିଲେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ହେଉଛନ୍ତି ଆଉଜଣେ ସାହାବୀ ଯାହାଙ୍କର ଏଠାରେ ଚର୍ଚ୍ଚା କରାଯିବ । ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ସମ୍ବନ୍ଧ ଅନ୍‌ସାରର କବିଲା ଖଜ୍‌ରଜ୍‌ର ବନୁ ଅଓଫ୍ ସାଖା ସହିତ ଥିଲା । ଇଏ ରଇସୁଲ୍ ମୁନାଫିକିନ୍ (ମୁନାଫିକ୍‌ମାନଙ୍କ ସର୍ଦ୍ଦାର) ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ପୁତ୍ର ଥିଲେ ଓ ଅତ୍ୟନ୍ତ ନିଷ୍ଠାବାନ୍ ଓ ଉତ୍ସର୍ଗୀ ସାହାବୀ ଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ମାଆଙ୍କ ନାମ ଖୌଲା ବିନ୍‌ତ୍ ମୁନ୍‌ଜିର୍ ଥିଲା । (ସିରତୁନ୍ ନବଓ୍ୱିୟା ଲେ ଇବ୍‌ହେ ହୁଶାମ୍, ପୃଷ୍ଠା-୪୬୮.... ବେରୁତ ଲେବ୍‌ନାନ୍ ୨୦୦୧) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୪୦୮ "ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ଲେବ୍‌ନାନ୍ ୧୯୯୦)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ନାମ ଜାହିଲିୟତ୍ ଯୁଗରେ ହୁବାବ୍ ଥିଲ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ନାମକୁ ପରିବର୍ତନ କରି ଅବ୍‌ଦୁଲ୍ଲାଃ ରଖିଦେଲେ ଏବଂ କହିଲେ ହୁବାବ୍ ହେଉଛି ସଇତାନ୍‌ର ନାମ । ସଲୁଲ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ରଇସୁଲ୍ ମୁନାଫିକିନ୍‌ଙ୍କ ଜେଜେ ମାଆଙ୍କ ନାମ ଥିଲା ଯାହାଙ୍କ ସମ୍ବନ୍ଧ ଖଜାଆ କବିଲା ସହିତ ଥିଲା । ଉବୈ ନିଜ ମାଆଙ୍କ ସମ୍ବନ୍ଧ ଯୋଗୁ ପ୍ରସିଦ୍ଧ ଥିଲା । ତେଣୁ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ବୋଲାଉଥିଲା । ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଅବୁ ଆମିର୍ ରାହିବ୍‌ଙ୍କ ମାଉସୀଙ୍କ ପୁଅ ଥିଲା । ଅବୁ ଆମିର୍ ସେହି ଲୋକମାନଙ୍କ ମଧ୍ୟରେ ଥିଲା ଯିଏ ନବୀ କରିମ୍ ସ:ଆ:ସଙ୍କ ଆବିର୍ଭାବ ସମ୍ବନ୍ଧରେ ଲୋକମାନଙ୍କୁ ବତାଉଥିଲା ଯେ ଜଣେ ନବୀ ଆବିର୍ଭାବ ହେବାକୁ ଅଛନ୍ତି ଏବଂ ସେହି ନବୀ ଉପରେ ବିଶ୍ୱାସ ଆଣିବା ପାଇଁ କହୁଥିଲା । ସେହିପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ହେବା ସମ୍ବନ୍ଧରେ ଲୋକମାନଙ୍କଠାରୁ ଏ ପ୍ରତିଶୃତି ନେଉଥିଲା ଯେ ସେ ଏବେ ଆବିର୍ଭାବ ହେବେ । ଅବୁ ଆମିର୍ ଜାହିଲିୟତ୍‌ର ମୋଟା କପଡ଼ା ପିନ୍ଧୁଥିଲା ଏବଂ ସେ ସନ୍ୟାସି ପନ୍ଥା ଅବଲମ୍ବନ କରିନେଇଥିଲା । ଯେତେବେଳେ ଅଲ୍ଲାଃତାଲା ନିଜ ରସୁଲ୍ ସ:ଆ:ସଙ୍କୁ ପ୍ରେରଣ କଲେ ସେତେବେଳେ ସେ ଯାହା କହୁଥିଲା ତାହାର ବିପରୀତ କହିବାକୁ ଲାଗିଲା ଓ ଇର୍ସାପରାୟଣ ହୋଇଗଲା । ସେହିପରି ସେ ବିଦ୍ରୋହ କରିବାକୁ ଲାଗିଲା ଓ ନିଜ କୁଫୁର୍ (ଅମାନ୍ୟକାରୀ) ଉପରେ ପ୍ରତିଷ୍ଠିତ ରହିଲା । ମୁସ୍‌ରିକ୍ ମାନଙ୍କ ସହିତ ରସୁଲୁଲ୍ଲାଃ ସ:ଆ:ସଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ବାହାରିଲା । ତେଣୁ ରସୁଲୁଲ୍ଲାଃ ସ:ଆ:ସ ତାହାର ନାମ ଫାସିକ୍ ଅର୍ଥାତ୍ ବିଭ୍ରାଟକାରୀ ବୋଲି ନାମକରଣ କଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୪୦୮-୪୦୯.... ବେରୁତ ଲେବ୍‌ନାନ୍ ୧୯୯୦)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ସନ୍ତାନମାନଙ୍କ ମଧ୍ୟରେ ଉବାଦାଃ, ଜଲିହା, ଖୈସମା ଏବଂ ଖଉଲି ଓ ଇମାମାଙ୍କ ବିଷୟରେ ଚର୍ଚ୍ଚା ମିଳିଥାଏ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଇସ୍‌ଲାମ୍ ଗ୍ରହଣ କଲେ ଓ ତାଙ୍କର ଇସ୍‌ଲାମ୍ ଆଣିବାଟା ବହୁତ ଭଲ ଥିଲା । ସେ ପ୍ରତିଷ୍ଠିତ ସାହାବାମାନଙ୍କ ମଧ୍ୟରେ ସାମିଲ୍ ଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବଦର୍, ଓ୍ୱହଦ୍ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଲେଖିବା ପଢ଼ିବା ମଧ୍ୟ ଜାଣିଥିଲେ । ହଜ୍‌ରତ୍ ଆଇସା ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ଠାରୁ ହଦିସ୍ ରିଓ୍ୱାୟତ୍ କରିଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କୁ କାତିବେ ଓ୍ୱହି (ଅର୍ଥାତ୍ ଓ୍ୱହିଙ୍କୁ ଲେଖିବାବାଲା) ହେବାର ମଧ୍ୟ ଗୌରବ ହାସଲ ହୋଇଛି । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ଆସାଦ, ଖଣ୍ଡ-୩, ପୃଷ୍ଠା-୪୦୯....ବେରୁତ ଲେବ୍‌ନାନ୍ ୧୯୯୦) (ସିରସ୍ ସାହାବା.... ଖଣ୍ଡ-୩, ପୃଷ୍ଠା-୪୨୫ ଦାରୁଲ୍ ଇଶାଅତ୍ ଉର୍ଦ୍ଦୁ ବାଜାର କରାଚି ୨୦୦୪)

ଆଉ ଏକ ରିଓ୍ୱାୟତ୍‌ରେ ଆସୁଛି ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ନାକ କଟିଗଲା ତେଣୁ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ସୁନାର ନାକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଲେ । ଯେବେ କି ଆଉ ଏକ ରିଓ୍ୱାୟତ୍‌ରେ ଆସୁଛି ଯେ ଓ୍ୱହଦ୍ ଯୁଦ୍ଧ ସମୟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କର ଦୁଇଟି ଦାନ୍ତ ଭାଙ୍ଗିଯାଇଥିଲା । ତେଣୁ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ସୁନା ଦାନ୍ତ ଲଗାଇବା ପାଇଁ କହିଥିଲେ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ରାଓ୍ୱି କହୁଛନ୍ତି ଯେ ଦାନ୍ତ ଲଗାଇବା ରିଓ୍ୱାୟତ୍ ଅଧିକ ସଠିକ୍ ଓ ଅଧିକ ପ୍ରସିଦ୍ଧ । (ଉସଦୁଲ୍‌ଗାବା..... ଖଣ୍ଡ-୩, ପୃଷ୍ଠା-୨୯୮.... ବେରୁତ୍ ଲେବ୍‌ନାନ୍ ୨୦୦୮)

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି:- ଏକଥା ହିଁ ଠିକ୍ ଲାଗୁଛି । ବେଳେବେଳେ କିଛି ବର୍ଣ୍ଣନାକାରୀ କଥାକୁ ବହୁତ ବଢ଼ାଇ ଚଢ଼ାଇଥାନ୍ତି । ବେଳେବେଳେ ସଠିକ୍ ବାର୍ତା ବୁଝା ପଡିନଥାଏ । ତେଣୁ ଏଠାରେ ନାକ କଥା ନୁହେ ବରଂ ଦାନ୍ତ ଭାଙ୍ଗିବା କଥାଟି ସଠିକ୍ ଲାଗୁଛି । ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଇଥିଲେ ଯେ ସୁନାର ଦାନ୍ତ ଲଗାନ୍ତୁ । ତେଣୁ ସେ ତାହା ଲଗାଉଥିଲେ । ସେ ସମୟରେ ମଧ୍ୟ କ୍ରାଉନ୍ (Crown) ଚଢ଼ାଉଥିଲେ ।

ଓ୍ୱହଦ୍ ଯୁଦ୍ଧ ସମୟରେ ଅସୁ ସୁଫିଆନ୍ ମୁସଲ୍‌ମାନ୍ ମାନଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ଯେ ଆସନ୍ତା ବର୍ଷ ଆମେ ପୁନର୍ବାର ବଦର ରଣକ୍ଷେତ୍ରରେ ସାକ୍ଷାତ୍ କରିବା । ଏହି ଘଟଣା ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ର:ଅ ପୁସ୍ତକ ସିରତ୍ ଖାତମୁନ୍ ନବିଇନ୍‌ରେ ବିଭିନ୍ନ ଇତିହାସରୁ ତଥ୍ୟ ସଂଗ୍ରହ କରି ଯେଉଁ ଫଳାଫଳ ବାହାର କରିଛନ୍ତି ତାହା ହେଉଛି ଏପରି କି ;-

ଓ୍ୱହଦ୍ ଯୁଦ୍ଧପରେ ରଣକ୍ଷେତ୍ରରୁ ଫେରିଯିବା ସମୟରେ ଅବସୁଫିୟାନ୍ ମୁସଲ୍‌ମାନଙ୍କୁ ଏ ଚ୍ୟାଲେଞ୍ଜ ଦେଇଥିଲେ ଯେ ଆସନ୍ତା ବର୍ଷ ବଦର୍‌ରେ ତୁମ ଓ ଆମ ମଧ୍ୟରେ ଯୁଦ୍ଧ ଅନୁଷ୍ଠିତ ହେବ । ଆଁ ହଜ୍‌ରତ୍ ସ:ଆ:ସ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରିବାର ଘୋଷଣା କରିଥିଲେ । ତେଣୁ ଦ୍ୱିତୀୟ ବର୍ଷ ଅର୍ଥାତ୍ ୪ ହିଜ୍‌ରିରେ ଯେବେ ଶଓ୍ୱାଲ୍ ମାସର ଶେଷ ଦିବସ ଗୁଡିକ ଆସିଲଶ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଦେଢ଼ହଜାର ସାହାବାଙ୍କୁ ସାଥିରେ ନେଇ ମଦିନାରୁ ବାହାରିଲେ ଓ ଆଁ ହଜ୍‌ରତ୍ ସ:ଆ:ସ ନିଜ ପଛରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କୁ ଅମୀର୍ ନିୟୋଜିତ କଲେ । ଅନ୍ୟପଟେ ଅବୁ ସୁଫିୟାନ୍ ବିନ୍ ହରବବ୍ ମଧ୍ୟ ଦୁଇହଜାର କୁରୈଶି ସେନାଙ୍କୁ ସାଥିରେ ନେଇ ମକାରୁ ବାହାରିଲା । କିନ୍ତୁ ଓ୍ୱହଦ୍‌ର ବିଜୟ ଏବଂ ଏତେ ସଂଖ୍ୟକ ଲୋକ ତା ସାଥିରେ ରହିବା ସତ୍ୱେ ମଧ୍ୟ ଭୟଭୀତ ଥିଲା ଏବଂ ଇସ୍‌ଲା୍ ଧ୍ୱଂସ ମୁହଁରେ ଛିହା ହୋଇଥିବା ସତ୍ୱେ ମଧ୍ୟ ସେ ଏକଥା ଚାହୁଁଥିଲା ଯେ ଯେପର୍ଯ୍ୟନ୍ତ ବହୁ ସଂଖ୍ୟକ ଲୋକମାନଙ୍କର ସେନା ପ୍ରସ୍ତୁତ ନ ହୋଇଯାଏ ସେପର୍ଯ୍ୟନ୍ତ ସେ ମୁସଲ୍‌ମାନଙ୍କ ସମ୍ମୁଖକୁ ଆସିବେ ନାହିଁ । ସୁତରାଂ ସେ ଏବେ ମକାରେ ହିଁ ଥିଲଶ ଯେ ସେ ନଇମ୍ ନାମକ ଜଣେ ବ୍ୟକ୍ତିକୁ ଯିଏ ଗୋଟିଏ ନିରପେକ୍ଷ କବିଲା ସହିତ ସମ୍ବନ୍ଧ ରଖିଥିଲା ତାକୁ ମଦିନା ଆଡେକୁ ପଠାଇଦେଲା । ତାଙ୍କୁ ଏ କଥା ତାଗିଦ କରି କହିଲା ଯେ ଯେଣତେଣ ପ୍ରକାରେଣ ମୁସଲ୍‌ମାନମାନଙ୍କୁ ଡରାଇ ଧମକାଇ ଏବଂ ସତ ମିଛି କଥା କହି ଯୁଦ୍ଧ ନିମନ୍ତେ ବାହାରିବାରୁ ନିବୃତ ରଖିବ । ସୁତରାଂ ଏହି ବ୍ୟକ୍ତିଜଣକ ମଦିନା ଆସିଲା ଓ କୁରୈଶମାନଙ୍କ ପ୍ରସ୍ତୁତି, ତାଙ୍କର ଶକ୍ତି ଏବଂ ସେମାନଙ୍କର ଉତ୍ସାହ ସମ୍ବନ୍ଧରେ ମିଛି କାହାଣୀ ଶୁଣାଇ ସେ ମଦିନାରେ ଏକ ପ୍ରକାର ଆତଙ୍କର ଅବସ୍ଥା ସୃଷ୍ଟି କରିଦେଲା । ଏପରିକି କିଛି ଦୁର୍ବଳ ଶ୍ରେଣୀର ଲୋକେ ଏହି ଯୁଦ୍ଧରେ ସାମିଲ୍ ହେବାକୁ ଭୟଭୀତ ହେଲେ । କିନ୍ତୁ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଯୁଦ୍ଧ କରିବା ପାଇଁ ଘୋଷଣା କଲେ ଓ ଆପଣ ସ:ଆ:ସ ନିଜ ଭାଷଣରେ କହିଲେ ଯେ ଆମେ କୁଫାର୍ (ଅର୍ଥାତ୍ ଅମାନ୍ୟକାରୀ) ମାନଙ୍କ ଚ୍ୟାଲେଞ୍ଜକୁ ଗ୍ରହଣ କରି ଏହି ଅବସରରେ ବାହାରିବା ପାଇଁ ପ୍ରତିଜ୍ଞା କରିଛେ । ତେଣୁ ଆମେ ପ୍ରତିଶୃତିଭଙ୍ଗ କରିପାରିବୁ ନାହିଁ, ତା ବିରୋଧରେ ଚାଲିପାରିବୁ ନାହିଁ । ଯଦିଚ ମୋତେ ଏକୁଟିଆ ଲଢ଼ିବାକୁ ପଡେ, ଏକୁଟିଆ ଯୁଦ୍ଧ ପାଇଁ ଯିବାକୁ ପଡେ, ତୁମେମାନେ ଭୟ କରୁଅଛ । ଯଦି ଏକୁଟିଆ ଯିବାକୁ ହୁଏ ତେବେ ମୁଁ ଯିବି ଏବଂ ଶତ୍ରୁମାନଙ୍କ ମୁକାବିଲାରେ ଏକୁଟିଆ ଛାତି ଦେଖାଇ ଲଢ଼ିବି । ଏକଥାକୁ ଶୁଣି ଲୋକମାନଙ୍କ ଭୟ ଦୂର ହେବାକୁ ଲାଗିଲା । ସେମାନେ ବହୁତ ଉତ୍ସାହିତ ହୋଇ ନିଷ୍ଠାପର ଭାବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯୁଦ୍ଧରେ ଯୋଗଦେବା ପାଇଁ ପ୍ରସ୍ତୁତ ହୋଇଗଲେ ।

ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସ ଦେଢ଼ହଜାର ସାହାବାଙ୍କୁ ସାଥିରେ ନେଇ ବାହାରିଲେ ଓ ଅନ୍ୟପଟେ ଅବୁ ସୁଫିୟାନ୍ ଦୁଇ ହଜାର ସିପାହୀଙ୍କ ସହିତ ମକ୍କାରୁ ବାହାରିଲା । କିନ୍ତୁ ଇଶ୍ୱରଙ୍କର ପରିବାର ଏପରି ଥିଲା ଯେ ମୁସଲ୍‌ମାନ୍‌ମାନେ ବଦର୍ ନିକଟରେ ନିଜ ପ୍ରତିଶୃତି ମୁତାବକ ପହଂଚିଗଲେ । କିନ୍ତୁ କୁରୈଶଙ୍କ ସେନା ଅଳ୍ପ ଦୂର ଆଗକୁ ଯାଇ ପୁଣି ମକ୍କା ଲେଉଟି ଗଲା ଓ ଏହି ଘଟଣାଟି ଏପରି ଘଟିଲା ଅର୍ଥାତ୍ ଯେତେବେଳେ ଅବୁ ସୁଫିୟାନ୍‌ଙ୍କୁ ନଇମ୍‌ର ଅସଫଳତା ବିଷୟରେ ଜ୍ଞାନ ହେଲା, ମୁସଲ୍‌ମାନମାନଙ୍କୁ ଡରାଇବା ପାଇଁ ଯେଉଁ ଲୋକଟିକୁ ପଠାଯାଇଥିଲା ତା ସମ୍ବନ୍ଧରେ ଯେତେବେଳେ ଜଣାପଡିଲା ଯେ ତାହାଦ୍ୱାରା ମୁସଲ୍‌ମାନ୍‌ମାନେ ଭୟ ତ କଲେନାହିଁ ବରଂ ବାହାରକୁ ଆସିଗଲେ । ତେଣୁ ସେ ମନେମନେ ଭୟଭୀତ ହୋଇ ନିଜ ସେନାକୁ ଉପଦେଶ ଦେଇ ରାସ୍ତାରୁ ଲେଉଟାଇ ନେଇଗଲା ଯେ ଏବର୍ଷ ମରୁଡି ବହୁତ ପଡ଼ିଛି ଲୋକମାନେ ବହୁତ ଅସୁବିଧାରେ ଅଛନ୍ତି । ତେଣୁ ବର୍ତମାନ ଯୁଦ୍ଧ କରିବା ଠିକ୍ ନୁହେଁ । ଯେତେବେଳେ ଅବସ୍ଥା ସ୍ୱଚ୍ଛଳ ହୋଇଯିବ ଓ ପରିସ୍ଥିତି ସୁଧୁରିଯିବ ସେତେବେଳେ ଆମେ ଅଧିକା ପ୍ରସ୍ତୁତି କରି ମଦିନା ଉପରେ ଆକ୍ରମଣ କରିବା ।

ସେ ଯାହାହେଉ ଇସ୍‌ଲାମୀୟ ସେନା ଆଠଦିନ ପର୍ଯ୍ୟନ୍ତ ବଦର୍‌ଠାରେ ରହିଲେ । ସେଠାରେ ସେ ସମୟରେ ସେହି ପଡିଆରେ ପ୍ରତ୍ୟେକ ବର୍ଷ ଜୁଲ୍‌କାଦା ମାସର ଆରମ୍ଭରେ ମେଳା ଲାଗୁଥିଲା । ତେଣୁ ସେହି ଦିନଗୁଡିକରେ ଅନେକ ସାହାବୀ ଉକ୍ତ ମେଳାରେ ବେପାର ବଣିଜ କରି ଲାଭ ଉଠାଇଲେ । କୁହାଯାଏ ଯେ ସେମାନେ ସେ ଆଠଦିନ ଭିତରେ ନିଜ ବେପାରରେ ଲଗାଇଥିବା ମୂଳଧନକୁ ଦୁଇଗୁଣା କରିନେଲେ । ଯେତେବେଳେ ମେଳା ଶେଷ ହେଲା ଓ କୁରୈଶର ସେନାମାନେ ଆସିଲେ ନାହିଁ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ବଦର୍‌ରୁ ବାହାରି ମଦିନା ଫେରିଆସିଲେ ଏବଂ କୁରୈଶ ମକ୍କା ଲେଉଟି ପୁନର୍ବାର ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତିତି ଆରମ୍ଭ କରିଦେଲେ । ଏ ଯେଉଁ ଗଜ୍‌ଓ୍ୱା (ଯୁଦ୍ଧ) ଥିଲା ତାହାକୁ ଗଜ୍‌ଓ୍ୱା ବଦର୍ ଅଲ୍‌ମଉଦ୍ କୁହାଯାଏ ଯେଉଁଥିପାଇଁ ଏହି ସେନା ବାହାରିଥିଲା । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୫୨୯-୫୩୦)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ୧୨ ହିଜ୍‌ରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଖିଲାଫତ୍ ସମୟରେ ୟମାମା ଯୁଦ୍ଧରେ ଶହୀଦ୍ ହୋଇଥିଲେ । (ଅଲ୍ ଇସ୍‌ତିଆବ୍.... ଖଣ୍ଡ-୩, ପୃଷ୍ଠା-୭୨....ବେରୁତ ୨୦୧୦)

ସହି ବୁଖାରୀରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ବାପା ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍‌ଙ୍କ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ୍ ରହିଛି । ଏହି ରିଓ୍ୱାୟତ୍ ଗୁଡିକ ମଧ୍ୟ ମୁଁ ଏଇଥିପାଇଁ ବର୍ଣ୍ଣନା କରିଦେଉଛି ଯଦ୍ୱାରା ଇତିହାସ ବିଷୟରେ ମଧ୍ୟ କିଛି ଜ୍ଞାନ ମିଳୁ ଯାହା ସିଧାସଳଖ ସମ୍ବନ୍ଧିତ ନଥାଉ ମଧ୍ୟ ।

ହଜ୍‌ରତ୍ ଉସାମା ବିନ୍ ଜଏଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ଗଧ ଉପରେ ଆରୋହଣ ହେଲେ ଯାହା ଉପରେ ଫିଦକ୍ ଦ୍ୱାରା ନିର୍ମାଣ ହୋଇଥିବା ଚାଦର ପଡିଥିଲା ଏବଂ ଆପଣ ସ:ଆ:ସ ହଜ୍‌ରତ୍ ଉସାମା ବିନ୍ ଜଏଦ୍ ର:ଅଙ୍କୁ ନିଜ ପଛରେ ବସାଇଲେ । ଆପଣ ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ଉବାଦା ର:ଅଙ୍କୁ ଦେଖିବା ପାଇଁ ଯାଉଥିଲେ ଯିଏ ବନୁ ହାରିସ୍ ବିନ୍ ଖଜ୍‌ରଜ୍‌ର ମହଲାରେ ରହୁଥିଲେ । ଏହି ଘଟଣାଟି ବଦର୍ ଯୁଦ୍ଧ ପୂର୍ବର ଘଟଣା । ହଜ୍‌ରତ୍ ଉସାମା ର:ଅ କହୁଥିଲେ ଯେ ଚାଲି ଚାଲି ଆପଣ ଏପରି ଏକ ମଜ୍‌ଲିସ୍ ନିକଟଦେଇ ଗଲେ ଯେଉଁଠି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲା ଏବଂ ଏହା ହେଉଛି ସେ ସମୟର ଘଟଣା ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ମୁସଲ୍‌ମାନ୍ ହୋଇନଥିଲେ । ସେହି ମଜ୍‌ଲିସ୍‌ରେ କିଛି ମୁସ୍‌ରିକ୍ ମଧ୍ୟ ବସିଥିଲେ ଓ କିଛି ୟୁହୁଦୀ ମଧ୍ୟ ବସିଥିଲେ । ସେହିପରି କିଛି ମୁସଲ୍‌ମାନ୍ ମଧ୍ୟ ବସିଥିଲେ । ସମସ୍ତେ ମିଳାମିଶା ଲୋକ ଥିଲେ । ସେହି ମଜ୍‌ଲିସ୍‌ରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମଧ୍ୟ ଥିଲେ । ଯେତେବେଳେ ସେହି ପଶୁର ଧୂଳି ମଜ୍‌ଲିସ୍ ଉପରେ ପଡ଼ିଲା ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ନିଜ ଚାଦରରେ ନିଜର ନାକକୁ ଡାଙ୍କି ନେଇ କହିଲା ବୋଧହୁଏ ସେ ହଜୁର୍ ସ:ଆ:ସଙ୍କୁ ସମ୍ବୋଧନ କରି ଏକଥା କହିଲା ଯେ ଆମ ଉପରକୁ ଧୂଳି ଉଡାଓ ନାହିଁ । ରସୁଲୁଲ୍ଲାଃ ସ:ଆ:ସ ସଲାମ କହିବା ପରେ ରହିଗଲେ ଓ ଉକ୍ତ ପଶୁ ଉପରୁ ତଳକୁ ଓହ୍ଲାଇ ପଡିଲେ । ଆପଣ ସ:ଆ:ସ ସେମାନଙ୍କୁ ଅଲ୍ଲାଃଙ୍କ ଆଡକୁ ଡାକିଲେ ଓ ସେମାନଙ୍କୁ କୋରାନ୍ ପଢ଼ି ଶୁଣାଇଲେ । ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ କହିଲା ହେ ବ୍ୟକ୍ତି ! ଯେଉଁ କଥା ତୁମେ କହୁଅଛ ତ'ଠାରୁ ଭଲକଥା ଆଉକିଛି ନାହିଁ । ଠିକ୍ ଅଛି ତୁମେ କହୁଅଛ ବା ଏ ଅର୍ଥ ତାଙ୍କର ଥିଲା ଯେ ତୁମ ନିକଟରେ ଏହାଠାରୁ ଭଲ କଥା ଆଉ କିଛି ନାହିଁ ବା ଆଉକିଛି ଭଲକଥା ତୁମେ କହିପାରିବ ନାହିଁ ? ଏହାର ଅନେକ ଅର୍ଥ ହୋଇପାରିବ । ସେ ଯାହାହେଉ ଅନୁବାଦ କରିବାରେ କିପରି ଏହା କରାଯାଇଛି । ଏହା ତ ଅସଲ ହଓ୍ୱାଲାରୁ ଜଣାଯାଇପାରେ । ସେ ଯାହାହେଉ ସେ ଏକଥା କହିଲା, ଯଦି ଏହା ସତ୍ୟ ଅଟେ ଯେ ତୁମର ଏ କଥାଠାରୁ ଆଉ କିଛି ଭଲ କଥା ନାହିଁ, ତେବେ ଆମ ମଜ୍‌ଲିସ୍‌କୁ ଆସି ତାହାଦ୍ୱାରା କଷ୍ଟ ଦିଅନାହିଁ । ନିଜ ଲକ୍ଷସ୍ଥଳକୁ ଫେରିଯାଅ ଓ ପୁଣି ଯିଏ ତୁମ ନିକଟକୁ ଆସୁଛି ତାକୁ ସେକଥା କୁହ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଏକଥା ଶୁଣି କହିଲେ ଯେ ନୁହେଁ ହେ ଅଲ୍ଲାଃଙ୍କ ରସୁଲ୍ ! ଆମର ଏହି ମଜ୍‌ଲିସ୍‌ରେ ଆସି ଆପଣ ସ:ଆ:ସ ଆମକୁ ପବିତ୍ର କୋରାନ୍ ପଢ଼ି ଶୁଣାନ୍ତୁ । ଆମକୁ ତ ଏକଥା ବହୁତ ଭଲ ଲାଗୁଛି । ଏଥିରେ ମୁସଲ୍‌ମାନ୍, ମୁସ୍‌ରିକ୍ ଏବଂ ୟୁହୁଦୀମାନେ ଆପୋଷରେ ଏଣୁତେଣୁ କହିବାକୁ ଲାଗିଲେ । ସମ୍ଭବତଃ ସେମାନେ ଜଣେ ଅନ୍ୟଜଣକ ଉପରେ ଆକ୍ରମଣ କରିଦେଇଥାନ୍ତେ କିନ୍ତୁ ନବୀ କରିମ୍ ସ:ଆ:ସ ସେମାନଙ୍କ ଜୋସ୍‌କୁ ଦବାଇଲେ ଓ ତାଙ୍କୁ ବୁଝାଇଚାଲିଲେ । ପରିଶେଷରେ ସେମାନେ ଥୟ ପଡିଲେ । ପୁଣି ତା ପରେ ନବୀ କରିମ୍ ସ:ଆ:ସ ନିଜ ପଶୁ ଉପରେ ଆରୋହଣ କରି ଚାଲିଗଲେ । ଏପରିକି ହଜ୍‌ରତ୍ ସାଆଦ୍ ବିନ୍ ଉବାଦା ର:ଅଙ୍କ ନିକଟରେ ପହଂଚିଗଲେ । ନବୀ କରିମ୍ ସ:ଆ:ସ ତାଙ୍କ କହିଲେ ହେ ସାଆଦ୍ ! କ'ଣ ତୁମେ ଶୁଣିନାହଁ ଯେଉଁ କଥା ଅବୁ ହୁବାବ୍ ଆଜି ମୋତେ କହିଲା ? ଆପଣ ସ:ଆ:ସଙ୍କର ଇଙ୍ଗୀତ ଅବ୍‌ଦୁଲ୍ଲାଃ ବିନ୍ ଉବୈଙ୍କ ଉପରକୁ ଥିଲା । ଆପଣ ସ:ଆ:ସ କହିଲେ ସେ ମୋତେ ଏହିପରି କଥା କହିଛି । ପୁଣି ସବୁକଥା ବତାଇଲେ । ହଜ୍‌ରତ୍ ସାଆଦ୍ ବିନ୍ ଉବାଦା ର;ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତାକୁ କ୍ଷମା କରିଦିଅନ୍ତୁ । ମୋତେ ତା ରାଣ ଯିଏ ଆପଣ ସ:ଆ:ସଙ୍କ ଉପରେ ପୁସ୍ତକ ଅବତୀର୍ଣ୍ଣ କରିଛନ୍ତି । ଅଲ୍ଲାଃତାଲା ଏବେ ସେହି ହକ୍ (ସତ୍ୟ)

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

କେବେ ଆସିବେ? ଆପଣ ନିମନ୍ତ୍ରଣ କାହିଁକି କରୁନାହାନ୍ତି? ଏଥିରେ ଉକ୍ତ ବ୍ୟକ୍ତି ଜଣକ କହିଲେ ଯେ, ଆମେ ଆପଣଙ୍କୁ ନିମନ୍ତ୍ରଣ ଦେଉଅଛୁ। ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ବହୁତ ଚାପା କଣ୍ଠରେ ନିମନ୍ତ୍ରଣ ଦେଇଛ, ଏଥିରେ ସେହି ବ୍ୟକ୍ତି ଜଣକ ହସିଦେଇ ଉଚ୍ଚା ସ୍ୱରରେ କହିଲେ ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିମନ୍ତ୍ରଣ ଦେଉଅଛୁ।

ଲିଥୁଆନିଆରୁ ଗୋଟିଏ ଲୟର କମ୍ପାନିର ମୁଖିଆ ସାରୁନାସ୍ ବଦାଓ୍ୱସ୍କସ୍ ସାହେବ ମଧ୍ୟ ଜଲ୍‌ସାରେ ଯୋଗ ଦେଇଥିଲେ। ସେ କହୁଛନ୍ତି ଯେ, ଜଲ୍‌ସା ସାଲାନା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ଏଥିରେ ଇସଲାମ୍‌ର ଶାନ୍ତିପ୍ରୀୟ ଶିକ୍ଷା ସମ୍ବନ୍ଧରେ ଠିକଣା ମିଳିଥାଏ। ଏବଂ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ଭୁଲ୍ ଧାରଣା ରହିଛି ତାହାର ମୂଳପାଟନ ହୋଇଥାଏ।

ବୋଲେସ୍ଲାଭ୍ ରାଗୁସ୍‌କି ସାହେବ କହିଲେ କି, ଏତେ ଗୁରୁତ୍ୱପୂର୍ଣ୍ଣ ଓ ଏତେବଡ଼ ଜଲ୍‌ସାରେ ସାମିଲ ହେବା ମୋ ପାଇଁ ବହୁତ ଆନନ୍ଦର ବିଷୟ ମୋତେ ଏଠାରେ ଇସଲାମର ବାସ୍ତବିକ ଶିକ୍ଷା ବିଷୟରେ ଜାଣିବା ପାଇଁ ଅବସର ମିଳିଛି। ମୁଁ ଏଠାରେ ବହୁତ ଭଲ ଭଲ କଥା ଏବଂ ଜ୍ଞାନରେ ପରିପୂର୍ଣ୍ଣ କଥା ଗୁଡ଼ିକୁ ଶୁଣିବାକୁ ପାଇଛି। ମତେ ଏଠିକାର ବ୍ୟବସ୍ଥା ବହୁତ ଭଲ ଲାଗିଲା।

ଆଉଜଣେ ମହିଳା ଅତିଥି କହିଲେ ଯେ ହଜୁର୍ ଖଲିଫତୁଲ୍ ମସିହ୍‌ର ଦାୟିତ୍ୱରେ ଥିବା ଯୋଗୁ ବହୁତ କାର୍ଯ୍ୟବ୍ୟସ୍ତତା ଭିତରେ ରହୁଛନ୍ତି। ତେଣୁ ହଜୁର୍ ନିଜର ହବି ପାଇଁ କିପରି ସମୟ ବାହାର କରୁଛନ୍ତି? ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଯେ:- ମୋ ହବି ହେଉଛି ଜମାତ୍‌ର କାର୍ଯ୍ୟ କରିବା''।

ଲିଥୁଆନିଆରୁ ୟାକୁବୋଭ ଦାଦୋଜନ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ଜଲ୍‌ସାର ସବୁ ବ୍ୟବସ୍ଥା ଅତ୍ୟନ୍ତ ସୁସଂଗଠିତ ଶୈଳୀରେ ସମ୍ପାଦନ କରାଯାଇଛି। ଉତ୍ସର୍ଗୀ କର୍ମୀମାନେ ଅତିଥିମାନଙ୍କର ବହୁତ ଧ୍ୟାନ ରଖିଲେ। ଭାଷଣ ଗୁଡ଼ିକର ବିଷୟବସ୍ତୁ ବହୁତ ଭଲ ଥିଲା। ବିଶେଷ ରୂପେ ମୋତେ ଜର୍ମାନୀ ଭାଷାରେ ହୋଇଥିବା ଭାଷଣଟି ବହୁତ ଭଲ ଲାଗିଲା। ସେଥିରେ ବହୁତ ଗୁଡ଼ିଏ ଉପଦେଶ ରହିଛି। ମୋର ଏ ଆନ୍ତରିକ ଇଚ୍ଛା ଯେ ଅହେମଦୀୟା ଜମାତ୍ ସମଗ୍ର ପୃଥିବୀରେ ବ୍ୟାପିଯାଉ।

ମାରିଜା ରାଗୁକା ସାହିବା କହିଲେ ଯେ ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାସାଲାନାରେ ସାମିଲ୍ ହୋଇଛି। ଏଠିକାର ପରିବେଶ ବହୁତ ସହିଷ୍ଣୁତାର ପରିବେଶ ଥିଲା। ଖଲିଫାଙ୍କ ସହିତ ମିଶି ମୋତେ ବହୁତ ଆନନ୍ଦ ଅନୁଭବ ହେଲା। ତାଙ୍କ କଥାଗୁଡ଼ିକ ବୌଦ୍ଧିକତାରେ ପରିପୂର୍ଣ୍ଣ ଥିଲା। ସାକ୍ଷାତ୍‌କାର କରିବା ପରେ ମଧ୍ୟ ମୁଁ ସେହି ଖୁସିକୁ ଏପର୍ଯ୍ୟନ୍ତ ଅନୁଭବ କରିଚାଲିଛି।

ଆଉଜଣେ ଅତିଥିଙ୍କ ପ୍ରଶ୍ନର ଉତର ଦେଇ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ:- ସବୁ ଧର୍ମ ଇଶ୍ୱରଙ୍କ ତରଫରୁ ଆସିଛି। ଇଶ୍ୱର ପ୍ରତ୍ୟେକ ଜାତିରେ ଅବତାର ପଠାଇଛନ୍ତି। ହଜ୍‌ରତ୍ ମସିହ୍ ଆ:ସ ସ୍ୱୟଂ କହିଛନ୍ତି ଯେ ମୁଁ ଇସ୍ରାଇଲିର ହଜିଯାଇଥିବା ମେଣ୍ଢାଙ୍କ ପାଇଁ ଆସିଛି। ବାଇବଲରେ ଏକଥା ଉଲ୍ଲେଖ ଅଛି। ମସିହ୍ ଆ:ସ କଦାପି ଏକଥା କହିନାହାଁନ୍ତି ଯେ ସେ ସାରା ସଂସାର ପାଇଁ ଆସିଛନ୍ତି ବୋଲି।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ପବିତ୍ର କୋରାନ୍ ହେଉଛି ଶେଷ (ଐଶ୍ୱରିକ ପୁସ୍ତକ) ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ମୁଁ ସାରା ସଂସାର ପାଇଁ ଆସିଛି। ପବିତ୍ର କୋରାନ୍‌ରେ ଏହା ଉଲ୍ଲେଖ ହୋଇଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସାରା ସଂସାର ନିମନ୍ତେ ଓ ପୃଥିବୀର ସମସ୍ତ ଜାତିମାନଙ୍କ ପାଇଁ ପ୍ରେରଣ କରାଯାଇଛନ୍ତି ଏବଂ ପବିତ୍ର କୋରାନ୍ ହେଉଛି ଶେଷ ଶରୀୟତ୍ ଅର୍ଥାତ୍ ଶେଷ ଐଶୀ ବିଧାନ ଓ ତାହା କୟାମତ୍ ପର୍ଯ୍ୟନ୍ତ ରହିଛି। ଏହା ଆମର ଆସ୍ଥା ଓ ବିଶ୍ୱାସ ସମସ୍ତ ଅବତାର ଖୁଦାତାଲାଙ୍କ ତରଫରୁ ଆସିଛନ୍ତି ଓ ବିଭିନ୍ନ ଜାତି ଓ ବିଭିନ୍ନ ଇଲାକାରେ ଜନ୍ମଗ୍ରହଣ କରିଛନ୍ତି। ଯେବେ କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସାରା ଦୁନିଆ ପାଇଁ ନବୀ ଅର୍ଥାତ୍ ଅବତାର କରି ପଠାଯାଇଛି।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ପବିତ୍ର କୁର୍‌ଆନ୍‌ରେ ନିର୍ଦ୍ଦେଶ ରହିଛି *ଲା ଇକ୍‌ରାହା ଫିଦ୍ଦିନ୍* ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟବାଧକତା ନାହିଁ। ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ଧର୍ମକୁ ଗ୍ରହଣ କରିବା ଦୃଷ୍ଟିକୋଣରେ ସ୍ୱାଧୀନ ଅଟେ। ଯେଉଁମାନେ ମାନୁନାହାଁନ୍ତି ସେମାନେ ମଧ୍ୟ ଆମର ବନ୍ଧୁ ଅର୍ଥାତ୍ ମାନବତା ଦୃଷ୍ଟିକୋଣରୁ ସମସ୍ତେ ହେଉଛନ୍ତି ଆମର ବନ୍ଧୁ। ଆମେ ସମସ୍ତଙ୍କ ସହିତ ପ୍ରେମର ସମ୍ପର୍କ ରଖିଥାଉ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଅର୍ଥାତ୍ ପ୍ରଶ୍ନଟି ଏପରି ଥିଲା କି ଅହେମଦୀ ଏବଂ ବାକି ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ପ୍ରଭେଦ କ'ଣ? ହଜୁର୍ ଅ:ବ:ଅ କହିଲେ ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ ଶେଷ ଯୁଗରେ ଜଣେ ରିଫର୍ମର ଅର୍ଥାତ୍ ସୁଧାରକ ଆସିବେ ଯିଏ ମସିହ୍ ଓ ମେହ୍‌ଦୀ ହେବେ। ଜମାତ୍ ଅହେମଦୀୟା ଏ ବିଶ୍ୱାସ ରଖିଛି ଯେ ସେହି ମସିହ୍ ଓ ମେହ୍‌ଦୀ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କ ରୂପରେ ଆସିସାରିଛନ୍ତି। ଯେବେ କି ଅନ୍ୟ ମୁସଲ୍‌ମାନମାନେ ଏପର୍ଯ୍ୟନ୍ତ ତାଙ୍କ ଅପେକ୍ଷାରେ ଅଛନ୍ତି। ଆମେ କହୁଛୁ ଯେ ଖୁଦାତାଲା ତାଙ୍କୁ ପ୍ରେରଣ କରିଛନ୍ତି ଓ ସେ ଆସି ଜମାତ୍‌ର ମୂଳଦୁଆ ରଖିଛନ୍ତି। ଯେଉଁ ଜମାତ୍‌ଟି ଆଜି ସାରା ପୃଥିବୀରେ ଇସ୍‌ଲାମ୍‌ର ପ୍ରସାର ଓ ପ୍ରଚାର କାର୍ଯ୍ୟ କରୁଅଛି। ଯେବେ କି ଅନ୍ୟ ମୁସଲ୍‌ମାନମାନେ ଏକଥା କହୁଛନ୍ତି ଯେ ଏପର୍ଯ୍ୟନ୍ତ ମସିହ୍ ଓ ମେହ୍‌ଦୀ ଆସିନାହାଁନ୍ତି ଓ ତୁମେମାନେ ଆସିଥିବା ବ୍ୟକ୍ତିଙ୍କୁ ନବୀ ମଣୁଛ ଯେବେ କି ଆମେ କୌଣସି ନବୀ ଆବିର୍ଭାବ ହେବାର ବିଶ୍ୱାସ ରଖୁନାହୁଁ। ଏକଥାରେ ଆମେ ତାଙ୍କୁ ଏ ପ୍ରମାଣ ଦେଉଛୁ ଯେ ଆସିଥିବା ବ୍ୟକ୍ତିବିଶେଷଙ୍କ ନାମକୁ ଆଁ ହଜ୍‌ରତ୍ ସ:ଆ:ସ ''ନବୀଉଲ୍ଲାଃ'' ରଖିଛନ୍ତି (ଅର୍ଥାତ୍ ଅଲ୍ଲାଙ୍କ ନବୀ)। କିନ୍ତୁ ଏହା ସତ୍ୱେ ମଧ୍ୟ ଅନ୍ୟ ମୁସଲ୍‌ମାନ୍‌ମାନେ ଆମକୁ ଇସ୍‌ଲାମ୍‌ର ପରିଧି ଭିତରୁ ବାହାର କରିଦେଉଛନ୍ତି ଓ ଆମକୁ କାଫିର୍ କହୁଛନ୍ତି।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଆମେ ଏକଥା କହୁଛୁ ଯେ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶଗୋଇ ମୁତାବକ ଆସିଛନ୍ତି ଓ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷାକୁ ସଂସାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି ଏବଂ ପବିତ୍ର କୋରାନ୍‌ର ଶିକ୍ଷାକୁ ପେଶ୍ କରିଛନ୍ତି। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ମୁଁ ଦୁଇଗୋଟି ଉଦ୍ଦେଶ୍ୟକୁ ନେଇ ଆସିଅଛି। ପ୍ରଥମଟି ହେଉଛି ଖୁଦାତାଲାଙ୍କ ହକ୍‌କୁ ପ୍ରଦାନ କର, ଖୁଦାତାଲାଙ୍କୁ ଚିହ୍ନ ଓ ଦ୍ୱିତୀୟଟି ହେଉଛି ଏହା କି ତାହାଙ୍କ ଭକ୍ତଙ୍କ ଓ ତାହାଙ୍କ ପ୍ରାଣୀଜଗତର ହକ୍‌କୁ ପ୍ରଦାନ କର, ପ୍ରତ୍ୟେକଙ୍କ ଅଧିକାରକୁ ପ୍ରଦାନ କରନ୍ତୁ। ଏହା ହେଉଛି ଇସ୍‌ଲାମୀୟ ଶିକ୍ଷାର ସାରାଂଶ।

ଆଉଜଣେ ଅତିଥି କହିଲେ ଯେ ହଜୁର୍ ଅନୱ୍ୱର୍ ଅ:ବ:ଅଙ୍କ ଖୁତ୍‌ବାଜୁମା ବହୁତ ଭାବାର୍ଥରେ ପରିପୂର୍ଣ୍ଣ ଥିଲା। ସେଥିଯୋଗୁ ମୁଁ ହଜୁର୍‌ଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି।

ଆଉଜଣେ ବନ୍ଧୁ ପଚାରିଲେ ଯେ ଖ୍ରୀଷ୍ଟିଆନ୍ ଓ ୟହୁଦୀମାନଙ୍କ ନିକଟରେ ତ ଟେନ୍ କମାଣ୍ଡମେଂଟ୍‌ସ୍ ଅର୍ଥାତ୍ ୧୦ଟି ଉପଦେଶାବଳୀ ରହିଛି ଯେବେ କି ମୁସଲ୍‌ମାନଙ୍କ ନିକଟରେ କଣ ଅଛି? ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ମୁସଲ୍‌ମାନମାନଙ୍କ ନିକଟରେ ପବିତ୍ର କୋରାନ୍‌ର ଶିକ୍ଷା ରହିଛି। ଆମେ ଅହେମଦୀମାନେ ସେହି ଶିକ୍ଷା ଉପରେ ପରିଚାଳିତ। ହଜୁର୍ ଅନୱ୍ୱର୍ ଅ:ବ:ଅ ପୁଣି କହିଲେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅହେମଦୀମାନଙ୍କ ପାଇଁ ଦଶଟି ଶରାୟତେ ବୟତ (ଅର୍ଥାତ୍ ଦୀକ୍ଷା ନେବାର ସର୍ତାବଳୀ) ରଖିଛନ୍ତି। ଖୁଦାତାଲାଙ୍କଠାରୁ ନେଇ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା ପର୍ଯ୍ୟନ୍ତ ସବୁ କଥା ତା ଭିତରେ ଆସିଯାଇଛି। ଯେଉଁ ଅହେମଦୀ ବୟତ୍ କରିଥାଏ ସେ ଏହା ଉପରେ ଅମଳ କରିଥାଏ ଅର୍ଥାତ୍ ପରିଚାଳିତ ହୋଇଥାଏ।

ଲିଥୁଆନିଆରୁ ଯେରୋନିମାସ ଲାଓସିଅସ୍ ସାହେବ୍ କହୁଛନ୍ତି ଯେ ମୁଁ ହେଉଛି ଜଣେ ଲେଖକ ଓ ଆପଣଙ୍କ ଜମାତ୍ ଦ୍ୱାରା ଶାନ୍ତି ପ୍ରତି କରାଯାଉଥିବା ଚେଷ୍ଟାକୁ ସର୍ବଦା ଖବରକାଗଜ ଓ ପତ୍ରପତ୍ରିକାରେ ଲେଖିଚାଲିବି। ମୁଁ ଦ୍ୱିତୀୟଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି। ଏହି ଜଲ୍‌ସାଟି ମୋତେ ପଛ ଜଲ୍‌ସାର ଅବ୍ୟାହିତ ଧାରା ପରି ଲାଗିଲା। ଜଲ୍‌ସାସାଲାନା ହେଉଛି ଅତ୍ୟନ୍ତ ଫଳପ୍ରଦ ପ୍ରୋଗ୍ରାମ୍ କାରଣ ଏଥିରେ ବର୍ତମାନ ସମୟର ସମସ୍ୟାର ସମାଧାନ ସମ୍ବନ୍ଧରେ ଭାଷଣ ଦିଆଯାଇଥାଏ, ପୃଥିବୀରେ ଶାନ୍ତିର ପ୍ରଚାର ପ୍ରସାର ପାଇଁ ପ୍ରୋତ୍ସାହିତ କରାଯାଇଥାଏ ଏବଂ ଯେଉଁ ଲୋକମାନେ ଇମାନ୍‌ରୁ ଦୂରକୁ ଚାଲିଯାଉଛନ୍ତି ସେମାନଙ୍କୁ ଇମାନ୍‌ର ନିକଟତର କରିବା ସମ୍ବନ୍ଧରେ ଶିକ୍ଷା ଦିଆଯାଇଥାଏ। ମୋତେ ଖଲିଫା ସାହେବ୍‌ଙ୍କ ଅଭିଭାଷଣରୁ ବହୁତ କିଛି ଶିଖିବାର ଅବସର ମିଳିଛି।

ଲିଥୁଆନିଆରୁ ଆସିଥିବା ଆଉଜଣେ ବନ୍ଧୁ ହେନ୍‌ରିକାସ୍ ସର୍‌ଜଲିସ୍ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଏହା ପୂର୍ବରୁ ଇସ୍‌ଲାମ୍ ସମ୍ବନ୍ଧରେ ନକରାତ୍ମକ ମନୋଭାବ ରଖିଥିଲି ଓ ଏବେ ଜଲ୍‌ସାରେ ସାମିଲ୍ ହେବା ପରେ ମୋର ମନୋଭାବ ସକରାତ୍ମକ ହୋଇଯାଇଛି। ମୋ ହୃଦୟରେ ମୁସଲ୍‌ମାନମାନଙ୍କ ପାଇଁ ସମ୍ମାନ ସୃଷ୍ଟି ହୋଇଯାଇଛି। ନୂଆ ନୂଆ ଜ୍ଞାନ ଆହରଣ କରିବା ସହିତ ଧର୍ମ ପ୍ରତି ମୋର ଆଗ୍ରହ ବଢ଼ିଯାଇଛି। ଜଲ୍‌ସାର ବ୍ୟବସ୍ଥା ଗୁଡ଼ିକ ଅତ୍ୟନ୍ତ ସୁସଂଗଠିତ ରୂପେ ସମ୍ପାଦନ କରାଯାଇଛି ଓ ଏହି ସବୁ ଲୋକମାନେ ବହୁତ ଉତମ ଚରିତ୍ରର ପ୍ରଦର୍ଶନ କରିଛନ୍ତି। ଖଲିଫା ସାହେବ୍‌ଙ୍କ ସହିତ ସାକ୍ଷାତ୍‌କାର କରିବାର ଅନୁଭବ ବହୁତ ଭଲ ରହିଲା। ତାଙ୍କ ସହିତ ବହୁତ ସାଧା ଓ ବହୁତ ସୁନ୍ଦର ଶୈଳୀରେ ବାର୍ତାଳାପ ହେଲା। ମୋ ହୃଦୟରେ ତାଙ୍କ ପାଇଁ ଅତ୍ୟନ୍ତ ସମ୍ମାନ ରହିଛି।

ଲିଥୁଆନିଆରୁ ଆସିଥିବା ଆଉଜଣେ ବନ୍ଧୁ ଡାଙ୍ଗୁଲେ ସାରାପିନିଆନେ ସାହିବା କହୁଛନ୍ତି ଯେ ମୁଁ ଏ ଜଲ୍‌ସାରେ ଦ୍ୱିତୀୟ ଥର ପାଇଁ ଯୋଗେ ଦେବାର ଅବସର ପାଇଛି। ଏଠିକାର ପରିବେଶ ଅତ୍ୟନ୍ତ ସୁନ୍ଦର ଓ ସୁସଂଗଠିତ ଥିଲା। ଖଲିଫା ସାହେବ୍‌ଙ୍କ ସହିତ ମିଶି ବହୁତ ଖୁସି ଅନୁଭବ ହେଲା ଓ ତାଙ୍କ ସହିତ ଫଟୋ ଉଠାଇବାର ଅବସର ମଧ୍ୟ ମିଳିଲା। ଯେତେବେଳେ ମୋ ଝିଅର ବିବାହ ଜଣେ ଅହେମଦୀ ମସ୍‌ରୁର୍ ଅହେମଦ୍ କମର୍‌ଙ୍କ ସହିତ ଅନୁଷ୍ଠିତ ହେଲା ସେତେବେଳେ ଆରମ୍ଭରେ ଇସ୍‌ଲାମ୍ ପ୍ରତି ମୋର ମନୋଭାବ ବହୁତ ନକରାତ୍ମକ ଥିଲା। ମୁଁ ଯେତେବେଳେ ମୋ ଜ୍ୱାଇଁଙ୍କୁ ମୋର ଝିଅ ସହିତ ସୁନ୍ଦର ବ୍ୟବହାର କରିବାର ଦେଖିଲି ଓ ଯେତେବେଳେ ମୋତେ ସେ ଇସ୍‌ଲାମ୍‌ର ଶିକ୍ଷା ସହିତ ପରିଚିତ କରାଇଲେ ସେତେବେଳେ ମୋତେ ଶାନ୍ତ୍ୱନା ମିଳିଲା ଏବଂ ମୁଁ ଇସ୍‌ଲାମ୍‌କୁ ଆଉ ଏକ ଶୈଳୀରେ ଦେଖିବା ଆରମ୍ଭ କରିଦେଲ। ଏହି ଜଲ୍‌ସାଦ୍ୱାରା ମୋତେ ଇସ୍‌ଲାମ୍ ଆହୁରି ଅନେକ ଶିକ୍ଷା ପ୍ରତି ଜ୍ଞାନ ହାସଲ ହେଲା। ତେଣୁ ମୁଁ ବହୁତ ଆନନ୍ଦିତ।

ଲିଥୁଆନିଆରୁ ଆସିଥିବା ଜଣେ ବନ୍ଧୁ ଦାନୁତା ସାରାଗିଲିଆନେ ସାହିବା କହିଲେ ଯେ ମୁଁ ସବୁଧର୍ମକୁ ସମ୍ମାନ କରିଥାଏ। ସେହିପରି ଇସ୍‌ଲାମ୍‌ର ମଧ୍ୟ ସମ୍ମାନ କରିଥାଏ। ଜଲ୍‌ସାରେ ଯୋଗ ଦେଇ ଇସ୍‌ଲାମ୍ ସମ୍ବନ୍ଧରେ ମୋର ଜ୍ଞାନ ବଢ଼ିଛି। ବିଶେଷ ରୂପେ ମହିଳାମାନଙ୍କ ସହିତ ମୁସଲ୍‌ମାନମାନଙ୍କର ଯେଉଁ ବ୍ୟବହାର ତାହା ମୋତେ ବହୁତ ଭଲ ଲାଗିଲା। ଜଲ୍‌ସା ଅତ୍ୟନ୍ତ ସୁସଂଗଠିତ ଥିଲା, ନିଷ୍ଠାଭାବରେ ପରିପୂର୍ଣ୍ଣ ଉପାସନା କରିବାର ଦେଖି ମୋତେ ବହୁତ ଭଲ ଲାଗିଲା।

ଲିଥୁଆନିଆରୁ ଆସିଥିବା ଅବ୍‌ଦୁସ୍ ସତାର୍ ବୋବୋୟୁ ସାହେବ୍ କହିଲେ ଯେ ମୁଁ ଅହେମଦୀମାନଙ୍କ ସମ୍ବନ୍ଧରେ ଏକଥା ଶୁଣିଥିଲି ଯେ ସେମାନେ ମୁସଲ୍‌ମାନ୍ ନୁହଁନ୍ତି ଓ ମଦକୁ ଉଚିତ୍ ମଣିଥାନ୍ତି। ଜଲ୍‌ସାରେ ସାମିଲ୍ ହେବା ପୂର୍ବରୁ ଯେତେବେଳେ ଅହେମଦୀମାନଙ୍କ ମସ୍‌ଜିଦ୍ ଦେଖିଲି ଓ ସେଥିରେ ନମାଜ ପଢ଼ିଲି ସେତେବେଳେ ଜାଣିବାକୁ ପାଇଲି ଯେ ଏମାନେ ତ ମୁସଲ୍‌ମାନ୍ ଅଟନ୍ତି ଓ ଇସ୍‌ଲାମ୍‌ର ପାଂଚଟି ସ୍ତମ୍ଭ ଉପରେ ପରିଚାଳିତ। ଏ ଜଲ୍‌ସାରେ ସାମିଲ୍ ହୋଇ ମୁଁ ଜାଣିବାକୁ ପାଇଲି ଯେ ଏମାନେ ଇମାମ୍ ମେହ୍‌ଦୀଙ୍କ ମାନୁଛନ୍ତି ଓ ବିଲ୍‌କୁଲ୍ ମଦ୍ୟପାନ କରନ୍ତି ନାହିଁ ଏବଂ ପ୍ରତ୍ୟେକ ହରାମ କାର୍ଯ୍ୟରୁ ବଂଚିଥାନ୍ତି। ଏଠି ଜଲ୍‌ସାରେ ସାମିଲ୍ ହୋଇ ଜମାତ୍ ଅହେମଦୀୟା ସମ୍ବନ୍ଧରେ ବହୁତ ଜ୍ଞାନ ହାସଲ ହେଲା ଏବଂ ମୁଁ ମୂଳତଃ ଆପଣମାନଙ୍କୁ ମୁସଲ୍‌ମାନ୍ ବିବେଚନା କରୁଛି। ଦୀନ୍‌ର ସ୍ତମ୍ଭ ଓ ଇସ୍‌ଲାମ୍‌ର ସ୍ତମ୍ଭ ହେଉଛି ଆପଣମାନଙ୍କର ତାହା ଯାହା ସବୁ ମୁସଲ୍‌ମାନ୍‌ମାନଙ୍କ ନିମନ୍ତେ ଉର୍ଦ୍ଧ୍ୱେ। ମୁଁ ଏବେ ଜାଣିବାକୁ ପାଇଲି ଯେ ଆପଣମାନେ ଇମାମ ଅବୁ ହନିଫାଙ୍କୁ ଇମାମ୍ ମଣୁଛନ୍ତି ଓ ତାଙ୍କ ଫିକ୍ହା ଉପରେ ଅମଳ କରୁଛନ୍ତି। ଏ ଜଲ୍‌ସାରେ ବହୁତ କିଛି ମୋତେ ଭଲ ଲାଗିଲା। ଏଠାରେ ହଜ୍ ପରେ ଏତେ ସଂଖ୍ୟକ ମୁସଲ୍‌ମାନ୍‌ମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହେବାର ଦେଖିବାକୁ ପାଇଲି। ଖଲିଫା ସାହେବ୍‌ଙ୍କ ସହିତ ସାକ୍ଷାତ୍‌କାର୍ ବହୁତ ଭଲ ଅନୁଭବ ଥିଲା। ତାଙ୍କ ଚେହେରା ଅତ୍ୟନ୍ତ

ନୁରାନି ଅର୍ଥାତ୍ ଜ୍ୟୋତିର୍ମୟ ଥିଲା । ଯେତେବେଳେ ତଜାକିସ୍ତାନ୍‌ରେ ଥିଲି ସେତେବେଳେ ଏମ୍.ଟି.ଏ ଯୋଗେ ତାଙ୍କୁ ଦେଖୁଥିଲି ଓ ବହୁତ ପ୍ରଭାବିତ ହେଉଥିଲି । ସେ ବହୁତ ପୁଣ୍ୟ ବ୍ୟକ୍ତି ଅଟନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଲିଥୁଆନିଆ ପ୍ରତିନିଧି ମଣ୍ଡଳର ଏହି ସାକ୍ଷାତ୍‌କାର୍ ୯:୨୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସମସ୍ତ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ତା'ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୦ଟାବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କରି ମଗ୍‌ରିବ୍ ଓ ଇଶା ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । (କ୍ରମଶଃ...)

(ବହଓ୍ୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ ୨୫ ଜୁଲାଇ, ୦୧ ଅଗଷ୍ଟ ୨୦୧୯)

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ୟୁରୋପ ଗସ୍ତ ଅକ୍ଟୋବର୍ ୨୦୧୫**

**ଏହି ଅକ୍ଟୋବର ୨୦୧୫ ମସିହା ୟୁରୋପ ଗସ୍ତର ଧାରା ବିବରଣୀ ଜାଣିବା ପାଇଁ ଅଖ୍‌ବାର୍ ବଦର୍ ଇଲାକାଇ ଏଡ଼ିଶନ୍ ୨୭ ସେପ୍ଟେମ୍ବର୍ ୨୦୧୮କୁ ଦେଖନ୍ତୁ । ଏକଥା ଧ୍ୟାନ ରଖନ୍ତୁ ଯେ ହଜୁର୍ ଅନୁଓ୍ୱରଙ୍କର ଗସ୍ତ ସମ୍ବନ୍ଧୀୟ ତାଜା ରିପୋର୍ଟ୍ ମିଳିବା ପରେ ପଛ ରିପୋର୍ଟ୍‌କୁ ରୋକି ତାଜା ରିପୋର୍ଟ୍ ପ୍ରକାଶ କରାଯିବ (କାର୍ଯ୍ୟାଳୟ)**

***୧୦ ଅକ୍ଟୋବର୍ ୨୦୧୫ ଶନିବାର ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଲଜ୍‌ନା ଇମାଇଲା ହଲାଣ୍ଡର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଟିଙ୍ଗ୍‌ର ବଳକା ଅଂଶ***

ନ୍ୟାସ୍‌ନାଲ୍ ସେକ୍ରେଟାରୀ ସିହତ୍ ଓ୍ୱ ଜିସ୍‌ମାନି (ସ୍ୱାସ୍ଥ୍ୟ ବିଭାଗ) ପଚାରିଲେ ଯେ କ'ଣ ଆମେ ଲଜ୍‌ନା ଏବଂ ନାସ୍‌ରାତ୍ ପିଲାମାନଙ୍କୁ ଅନ୍ୟ ଦେଶଗୁଡ଼ିକୁ ଭ୍ରମଣ କରିବା ପାଇଁ ନେଇଯାଇପାରିବୁ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଯଦି ଅଭିଭାବକ ଅନୁମତି ଦିଅନ୍ତି ତେବେ ନେଇଯାଇପାରିବେ । ଯଦି ନାସ୍‌ରାତ୍ ପିଲାମାନେ ଆସିପାରୁଛନ୍ତି ତେବେ ଲଜ୍‌ନା କାହିଁକି ଆସିପାରିବେ ନାହିଁ । ହାମ୍‌ବର୍ଗ୍‌ର ଲଜ୍‌ନାମାନେ ମଧ୍ୟ ଏବେ କିଛିଦିନ ହେବ ପରିଭ୍ରମଣରେ ଆସିଥିବେ । ସେହିପରି ନରଓ୍ୱେ ଏବଂ ଫ୍ରାନ୍‌ସ୍‌ରୁ ମଧ୍ୟ ଲଜ୍‌ନା ଆସୁଛନ୍ତି । ଆପଣ ପ୍ରଥମେ ୟୁକେ ଆସନ୍ତୁ ଏବଂ ଅନବରତ ଭିଜିଟ୍ କରନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ମୁହାସିବା ମାଲ ପଚାରିଲେ ଯେ କ'ଣ ଅଡିଟ୍ କାର୍ଯ୍ୟକୁ ରିଜିଓନାଲ୍ ସଦର୍ ସାହିବା ନିଜ ରିଜିଅନ୍‌ର କରିପାରିବେ ବା କେବଳ ସେକ୍ରେଟାରୀ ଅଡିଟ୍‌ଙ୍କର ଏ ଦାୟିତ୍ୱ ରହିଛି ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ସାମୟିକ ରୂପେ ହୁଏ ତେବେ କରିପାରିବେ କିନ୍ତୁ ସ୍ଥାୟୀଭାବେ ନୁହେଁ । ଏ ଦାୟିତ୍ୱ ହେଉଛି ସେକ୍ରେଟାରୀ ମୁହାସିବା ମାଲ୍‌ଙ୍କର । ରିଜିଓନାଲ୍ ସ୍ତରରେ ଚାନ୍ଦା ପଇଠ ହେବା ସମ୍ବନ୍ଧରେ ପଚରାଯାଇପାରେ । ଆପଣ ଲୋକାଲ୍ ମଜ୍‌ଲିସ୍ ଗୁଡ଼ିକୁ ବଜେଟ୍ ଦେଇଥାନ୍ତି ଯାହା ଅଧିକରୁ ଅଧିକ ୩୫୦ ୟୁ.ରୋ ହେଉଥିବ । ଏହାର ଅଡିଟ୍ କିପରି କରିବେ । ଏହାର ଆବଶ୍ୟକ ନାହିଁ । ସେମାନେ ଯାହା ଖର୍ଚ୍ଚ କରୁଛନ୍ତି ସେ ସବୁ ବତାଇଦେବା ହିଁ ଯଥେଷ୍ଟ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ଯେ ଯଦି କୌଣସି ଗରିବ ଲଜ୍‌ନା ଥିବେ କିନ୍ତୁ ସେମାନେ ଇଜ୍‌ଲାସ୍‌କୁ ଆସିବାକୁ ଚାହୁଁଥିବେ, ଏପରି ପରିସ୍ଥିତିରେ ଇଜ୍‌ଲାସ୍‌କୁ ତାଙ୍କ ଆସିବାର ବନ୍ଦୋବସ୍ତ କରିବା ଉଚିତ୍ । ଲୋକାଲ୍ ବଜେଟ୍ ଦିଅନ୍ତୁ । ଯଦି ୨୦କି.ମି ଯାତାୟତର ରାସ୍ତା ଥିବ ତେବେ ୫ଲିଟର ପେଟ୍ରୋଲ୍ ଲାଗୁଛି ଅର୍ଥାତ୍ ୭.୫୦ୟୁରୋ । ଯଦି ପ୍ରତି ଦୁଇମାସ ପରେ ଏହି ଅର୍ଥକୁ ଉକ୍ତ ଗରିବ ଲଜ୍‌ନାକୁ ଦେଇଦିଆଯାଏ । ଆପଣଙ୍କର ୧୦ଟି ମଜ୍‌ଲିସ୍ ଅଛି ଏବଂ ଯଦି ବର୍ଷକରେ ଛଅଟି ପ୍ରୋଗ୍ରାମ୍ ଏପରି କରାଯାଏ ତେବେ ଆପଣଙ୍କ ବଜେଟ୍‌ରୁ ୪୫୦ ୟୁରୋ ବାହାରିବା କଷ୍ଟକର ନୁହେଁ ।

ନ୍ୟାସ୍‌ନାଲ୍ ସଦର୍ ଲଜ୍‌ନା ପଚାରିଲେ ଯେ ବଇତୁଲ୍ ନୁର୍‌ରେ ଲଜ୍‌ନାଙ୍କୁ ଅଡିଓ ଭିଡିଓ କାର୍ଯ୍ୟକ୍ରମ ଦେଖିବା ପାଇଁ ଅସୁବିଧା ହେଉଛି କାରଣ ନମାଜ ପଢ଼ିବା ସମୟରେ ଶବ୍ଦର ସମସ୍ୟା ରହୁଛି । ଜମାତ୍‌କୁ ଅନେକ ଥର ସୂଚନା ଦିଆଯାଇଛି । ଏମ୍.ଟି.ଏରେ ମଧ୍ୟ ଡାଇରେକ୍ଟ ଲିଂକ୍ ନାହିଁ, ଯେବେକି ଟି.ଭି ମହଜୁଦ୍ ଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆପଣମାନେ ନିଜର ଗୋଟିଏ ଟିମ୍ ବନାନ୍ତୁ । ଏଠାରେ ଓ୍ୱାକିଫାତେ ନୌ କ୍ଲାସ୍‌ରେ ମଧ୍ୟ ପୁଅପିଲାମାନେ ଭିଡିଓ କାମ କରୁଥିଲେ । ବାକି ଦେଶଗୁଡ଼ିକରେ ମୁଁ ପୁଅପିଲା ମାନଙ୍କୁ ଅନୁମତି ଦେଉନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅଡିଓ ଏବଂ ଏମ୍.ଟି.ଏର ସଂଯୋଗ ସମ୍ବନ୍ଧରେ ଲିଖିତ ଚିଠି ଲେଖିବା ପାଇଁ ନିର୍ଦ୍ଦେଶ ଦେଲେ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏତିକି ମାତ୍ରାରେ ଅଭିଯୋଗ ଲେଖନ୍ତୁ ଯେତେମାତ୍ରାରେ ପୁରୁଷମାନେ ଏହାକୁ ହଜମ କରିପାରିବେ ।

ନ୍ୟାସ୍‌ନାଲ୍ ସଦର୍ ଲଜ୍‌ନା ଶେଷ ପ୍ରଶ୍ନ ପଚାରିଲେ ଯେ ହଜୁର୍ ନ୍ୟାସ୍‌ନାଲ୍ ଆମେଲା ନିଜକୁ କିପରି ଉତମରୁ ଉତମତର କରିପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆପଣମାନଙ୍କର କାମ କ'ଣ ? ଏହା ସବୁ ଆପଣଙ୍କ ଦସ୍ତୁରେ ଅସାସିରେ ଲେଖା ହୋଇଅଛି ।

ଆପଣମାନଙ୍କୁ ନିଜ ପରିଧି ଭିତରେ ରହି କାର୍ଯ୍ୟ କରିବା ପାଇଁ ପୁର୍ଣ୍ଣ ସ୍ୱାଧୀନତା ରହିଛି । ଆପଣମାନେ ପ୍ରତ୍ୟେକ କାର୍ଯ୍ୟ କରିପାରିବେ । ନିଜସ୍ୱ ଡେଭ୍‌ଲପ୍ ପାଇଁ ମନୋଭାବ ସୃଷ୍ଟି କରନ୍ତୁ । ସେବା କରିବାର ମନବୃତି ରଖନ୍ତୁ । ଧର୍ମ ସେବାକୁ ଏକ ଐଶ୍ୱରିକ କୃପା ବୋଲି ମଣନ୍ତୁ । ତା ପ୍ରତିବଦଳରେ କେବେ ଆରାମ ଚାହାନ୍ତୁ ନାହିଁ । ନା ଆରାମ ନା ପୁରସ୍କାର ।

ନ୍ୟାସ୍‌ନାଲ୍ ସଦର୍ ଲଜ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ କିଛି ଶିକ୍ଷାଗତ ସାର୍ଟିଫିକେଟ୍ ଦେଖାଇଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ ନାସ୍‌ରାତ୍‌ମାନଙ୍କ ପାଇଁ ମଧ୍ୟ ଏହିପରି ସାର୍ଟିଫିକେଟ୍ ହେଉ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ହଲାଣ୍ଡର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ମିଟିଙ୍ଗ୍ ୬:୩୦ରେ ଶେଷ ହେଲା ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ଆଜି ସନ୍ଧ୍ୟାର ଏହି ଶେସନ୍‌ରେ ଚାଳିଶିଟି ଫ୍ୟାମିଲିର ୧୯୧ଜଣ ସଦସ୍ୟ ନିଜି ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି କୁନି ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍ କରୁଥିବା ପ୍ରତ୍ୟେକ ଫ୍ୟାମିଲି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ ଆଜି ସାକ୍ଷାତ୍ କରିଥିବା ଏହି ଫ୍ୟାମିଲି ଗଡିକ Arnhem, Denhaag, Zwolle, Ansterdam, Rotterdam and Lelystad ଜମାତ୍ ଗୁଡ଼ିକରୁ ଆସିଥିଲେ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ରେ ପଦାର୍ପଣ କଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଆମିନ୍ ଉତ୍ସବ ପାଳନ ହେଲା ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ନିମ୍ନଲିଖିତ ୩୦ଜଣ ପୁଅଝିଅଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣାଇଲେ ଓ ଶେଷରେ ଦୁଆ କରାଇଲେ ।

ଯେଉଁ ପୁଅଝିଅମାନେ ଏହି ଉତ୍ସବରେ ଯୋଗଦେଇଥିଲେ ସେମାନଙ୍କର ନାମ ନିମ୍ନରେ ଦିଆଗଲା:-

ଅଜିଜମ୍ ମୁଦସିର୍ ସଇଦ୍, ଫରାଜ ହାରୁନ୍ ଚୌଧୁରୀ, ଅନ୍‌ଜଲ୍ ଅକ୍‌ମଲ୍, ତାହା କରିମ୍ ମେହ୍‌ମୁ ସୟଦ୍ ସବିହ ଅହେମଦ୍, ନଦୀମ୍ ଅହେମଦ୍, ଓ୍ୱଜାହତ୍ ଅହେମଦ, ଫାତି କରିମ୍ ମେହ୍‌ମୁଦ୍, ମୁଜମ୍ମିଲ୍ ଅହେମଦ୍, ରାଣା କାସିଦ୍ ଅହେମଦ୍, ମୁସଓ୍ୱିର ଅହେମଦ୍. ହୁଶାମ୍ ଅହେମଦ୍, ସଫିର୍ ଅହେମଦ୍, କାଶିଫ୍ ଓ୍ୱଡାଇଚ୍, ଇୟାନ୍ ଅହେମଦ୍, ସିଦ୍ଧିକି, ବଶିରୁଦ୍ଦିନ୍, ଇର୍‌ଫାନ୍, ଅବୁଲ୍ ରାଫେ ବାଜ୍‌ଓ୍ୱା ଏବଂ ଜାହାଁଜେବ୍ ଓ୍ୱଡାଇଚ୍ ।

ଅଜିଜା ଅଇନି କୁର୍‌ରତୁଲ୍ ଅଏନ୍ ମଲ୍‌ହି, ହୁଦା ମାରିଆ ଅକ୍‌ମଲ୍, ଅଦିଲା ଅହେମଦ୍ ଶୈଗ୍, ସୟଦା ହମାମତୁଲ୍ ଗୁଶ୍‌ରା, ସୟଦା ମେରାଜ୍ ଶଫିକ୍, ସୟଦା ଦୁର୍‌ରେ ଅଦନ୍ ଶଫିକ୍, ଓ୍ୱାନିଆ ଅହେମଦ୍ ଅଞ୍ଜୁମ୍, ଫାରିଆ ସୟଦ୍, ଫଜ୍ଜା ଓ୍ୱଡାଇଚ୍, ନଓ୍ୱେରା ସିଦ୍ଧିକି, ଅମତୁସ୍ ସବୁହୁ ବାଜୁଓ୍ୱା ଏବଂ ଜାରା ସଇଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

*ହଜୁର୍ ଅନୁଓ୍ୱର୍‌ଙ୍କ ହଲାଣ୍ଡ ଗସ୍ତ ସମ୍ବନ୍ଧରେ ଖବରକାଗଜ ଗୁଡ଼ିକରେ ଆଜି ମଧ୍ୟ ହଲାଣ୍ଡର ଜାତୀୟ ଓ ରିଜିଓନାଲ୍ ଖବରକାଗଜ ଗୁଡ଼ିକରେ ଖବର ପ୍ରକାଶିତ ହୋଇଛି । ସେଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗସ୍ତ ସମ୍ବନ୍ଧୀୟ ଖବର ଏବଂ ନିବନ୍ଧ ଗୁଡ଼ିକ ପ୍ରକାଶ ପାଇଛି ।*

ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ଖବରକାଗଜ Algemenn Dagblad ଆଜିର ଅଙ୍କରେ ''ଶାନ୍ତିର ଖଲିଫା ସହିତ ନିଜସ୍ୱ ସାକ୍ଷାତ୍‌କାର୍''ର ହେଡ୍‌ଲାଇନ୍ ସହିତ ଖବର ପ୍ରକାଶ ହୋଇଛି । ଏହି ଖବରର ସବ୍ ହେଡିଙ୍ଗ୍‌ରେ ଲେଖାଯାଇଛି ଯେ ''ନନ୍‌ସ୍ପିଟ୍‌ର ଜଙ୍ଗଲରେ ଲମ୍ବା ଧାଡି'' । ଏହି ଖବରକାଗଜଟି ଖବରର ବିବରଣୀ ଦେଇ ବତାଇଛି:- ନନ୍‌ସ୍ପିଟ୍‌ର ଜଙ୍ଗଲରେ ମୁସଲ୍‌ମାନଙ୍କର ଗୋଟିଏ ଲମ୍ବା ଧାଡି । ପୁରୁଷମାନେ ଟୋପି ପିନ୍ଧି ଛିଡା ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ଦାଢ଼ି ରଖିଛନ୍ତି । ସିକ୍ୟୁରିଟି ସେହି ଲୋକମାନଙ୍କୁ ଚେକିଂ କରୁଅଛି ଏବଂ ଏହିପରି ସୁରକ୍ଷା ବ୍ୟବସ୍ଥାର ଆୟୋଜନ ସେମାନେ ନିଜ ଇମାମ୍ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦଙ୍କ ପାଇଁ ସମ୍ପାଦନ କରୁଛନ୍ତି ।

ସେ ୨୦୭ଟି ଦେଶରେ ପରିବ୍ୟାପ୍ତ କେତେ ମିଲିୟନ୍ ଅହେମଦୀ ମୁସଲ୍‌ମାନ୍‌ମାନଙ୍କ ଲିଡର୍ ଅଟନ୍ତି । ହଲାଣ୍ଡର ଜମାତ୍ ହେଉଛି ଛୋଟିଆ ଜମାତ୍ । ଏଠାରେ ପାଖାପାଖି ୧୮୦୦ଲୋକ ତାଙ୍କୁ ମାନିବାବାଲା ଅଛନ୍ତି ଓ ଏହା ମଧ୍ୟ ଏକ ବିଶେଷ କଥା ଯେ ଖଲିଫା ଏଠାରେ Valuwe ରେ ରହୁଛନ୍ତି ।

ସେହି ଖବରକାଗଜଟି ଏହା ମଧ୍ୟ ଲେଖିଛି ଯେ ବିରୋଧର ସମ୍ମୁଖୀନ ହେବା ସତ୍ୱେ ମଧ୍ୟ ଏହି ଜମାତ୍ ବଢ଼ିଚାଲିଛି କାରଣ ଖଲିଫା ଶାନ୍ତିର ବାର୍ତ୍ତାକୁ ପ୍ରଚାର କରୁଛନ୍ତି:- ପବିତ୍ର କୋରାନ୍ କେବଳ ଜିହାଦ୍‌ର ନୁହେଁ ବରଂ ଆପୋଷରେ ସମ୍ମାନ ଦେବାର ଶିକ୍ଷା ପ୍ରଦାନ କରିଥାଏ ।

ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କୁ ପାର୍ଲିଆମେଂଟ୍‌ରେ ଆମନ୍ତ୍ରଣ କରାଯାଇଥିଲା । ସେଠି ମଙ୍ଗଳବାର ଦିନ ସେ ହାଉସ୍ ଅଫ୍ ରିପ୍ରେଜେଂଟେଟିଭ୍‌ରେ ଶାନ୍ତିର ବାର୍ତ୍ତା ପ୍ରଦାନ କଲେ । ଏହା ପୂର୍ବରୁ ସେ ୟୁ.କେ ପାର୍ଲିଆମେଂଟ୍‌ରେ ଏବଂ ଜର୍ମାନୀ ଦେଶରେ ମଧ୍ୟ ଓ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ମଧ୍ୟ ଅଭିଭାଷଣ ପ୍ରଦାନ କରିସାରିଛନ୍ତି ।

ଏଠାରେ ବହୁତ ଗୁଡ଼ିଏ କାର୍ ମହଜୁଦ୍ ରହିଛି । ସେଥି ମଧ୍ୟରୁ ବହୁତ ଗୁଡ଼ିକ କାର୍ ବାହ୍ୟ ଦେଶଗୁଡ଼ିକରୁ ଆସିଅଛି । ଖଲିଫା ୟୁ.କେ ରେ ରହୁଛନ୍ତି କିନ୍ତୁ ଏବେ ତାଙ୍କୁ ମାନୁଥିବା ଲୋକମାନଙ୍କ ପାଇଁ ଏ ଅବସର ରହିଛି ଯେ ସେମାନେ ତାଙ୍କ ସହିତ ସାକ୍ଷାତ୍ କରିପାରିବେ । ଏଠାରେ ସିକ୍ୟୁରିଟିର ମଧ୍ୟ ବ୍ୟବସ୍ଥା କରାଯାଇଛି । ଯେହେତୁ ମୁସଲ୍‌ମାନ୍ ଦେଶଗୁଡ଼ିକରେ ତାଙ୍କୁ ବିରୋଧ କରାଯାଏ ସେଇଥିପାଇଁ ସିକ୍ୟୁରିଟିର ଆବଶ୍ୟକତା ମଧ୍ୟ ରହିଛି । ମୁସଲ୍‌ମାନେ ପୁରୁଷମାନେ ଜଣ ଜଣ ହୋଇ ଭିତରକୁ ଯାଇ ସାକ୍ଷାତ୍‌ର ସୁଯୋଗ ପାଉଛନ୍ତି । ଏପର୍ଯ୍ୟନ୍ତ ଏଠାରେ କୌଣସି ମହିଳାଙ୍କୁ ଦେଖିବାକୁ ମିଳିନାହିଁ । (ଖବରକାଜ ଏକଥା ଲେଖିଛି ନଚେତ୍ ଫ୍ୟାମିଲ୍ ସାକ୍ଷାତ୍‌କାର ସମୟରେ ମହିଳା ଓ ପିଲାମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରୁଥିଲେ । ଏହି ସାମ୍ବାଦିକ ଜଣକ ସେ ସ୍ଥାନରେ ଥିଲେ ଯେଉଁଠି ପୁରୁଷମାନେ ସାକ୍ଷାତ୍ କରିବା ଅପେକ୍ଷାରେ ବସିଥିଲେ । ଯେବେ କି ମହିଳାମାନେ ଆଉ ଗୋଟିଏ ପାର୍ଶ୍ୱରେ ଥିଲେ) ସେ ଯାହାହେଉ ଲୋକମାନଙ୍କ ହାତରେ ମହୁଥିଲା ଯାହକି ସେମାନେ ଖଲିଫାଙ୍କ ଦ୍ୱାରା ମୋତବରିକ୍ କରାଇବେ । ଏହା ପ୍ରେମର ଏକ ପରିପ୍ରକାଶ ଥିଲା । ଖଲିଫାଙ୍କ ବ୍ୟକ୍ତିତ୍ୱରୁ ଅବଶ୍ୟ ଏକ ବିଶେଷ ରୋବ୍ ଦୃଷ୍ଟିଗୋଚର ହେଉଥିଲା ।

ଖଲିଫା ଏ ବାର୍ତ୍ତା ମଧ୍ୟ ଦେଇଛନ୍ତି ଯେ ଯଦି ବିଶେଷ ରୂପେ ମୁସଲ୍‌ମାନ୍ ଦେଶଗୁଡ଼ିକ

ଉପରେ ଦୃଷ୍ଟିନିକ୍ଷେପ କରାଯାଏ ତେବେ ବିଶ୍ୱଯୁଦ୍ଧ ଆରମ୍ଭ ହୋଇସାରିଛି ।

ମଧ୍ୟପ୍ରାଚ୍ୟରେ ଲୋକମାନେ ଭାବୁଛନ୍ତି ଯେ ଏହିପରି ପରିସ୍ଥିତିରେ ପ୍ରାଶ୍ଚାତ୍ୟ ଦେଶଗୁଡିକର ହସ୍ତକ୍ଷେପ କରିବା ସେମାନଙ୍କର ଶକ୍ତି ବଢ଼ାଇବା ଉଦ୍ଦେଶ୍ୟ ପ୍ରଣୋଦିତ । ଏହିଭଳି ପରିସ୍ଥିତିରେ ଖଲିଫାଙ୍କୁ ଏକଥା ପଚରାଗଲା ଯେ ସେ ଏ ଦୁନିଆକୁ କ'ଣ ଉପଦେଶ ଦେବେ ? ଏଥିରେ ଖଲିଫା ହସି ହସି ଉତର ଦେଲେ ଯେ ''ବୁଦ୍ଧିମତାର ସହିତ କାର୍ଯ୍ୟ କରନ୍ତୁ''

ଖଲିଫା ଏକଥାକୁ ବୁଝୁଛନ୍ତି ଯେ ପ୍ରାଶ୍ଚାତ୍ୟରେ ରହୁଥିବା ଲୋକମାନେ ଏ ଭୟ କରୁଛନ୍ତି କି ଶରଣାର୍ଥୀ ମାନଙ୍କ ମଧ୍ୟରେ ଆଇ.ଏସ୍ ର ଲୋକମାନେ ଥାଇପାରନ୍ତି ।

ତାଙ୍କ ମୁତାବକ ପ୍ରାଶ୍ଚାତ୍ୟ ଦେଶଗୁଡିକୁ ଯେଉଁ ମୁସଲ୍‌ମାନ୍‌ମାନେ ଯୁଦ୍ଧ କରିବା ପାଇଁ ଯାଉଛନ୍ତି ସେମାନେ ନିରାଶାର ଶିକାର ହୋଇଛନ୍ତି ଓ ବେରୋଜଗାର ଅଛନ୍ତି, ତତ୍ ସହିତ ସେମାନଙ୍କୁ ଭୁଲ୍ ଭାବେ ବ୍ରେନ୍‌ୱାସ୍ କରାଯାଇଛି ।

ଖଲିଫାଙ୍କ ମୁତାବକ ପ୍ରାଶ୍ଚାତ୍ୟ ଦେଶ ବିରୋଧରେ ଯେଉଁ ଜିହାଦ୍ କରୁଅଛି ତାହାର କୌଣସି ଅର୍ଥ ହିଁ ନାହିଁ । ଯେତେବେଳେ ତାଙ୍କୁ ପବିତ୍ର କୋରାନ୍‌ରେ ଥିବା ଯୁଦ୍ଧ ସମ୍ବନ୍ଧିତ ବିଷୟ ପଚରାଗଲା ଏଥିରେ ସେ ଉତର ଦେଲେ ଯେ ଯୁଦ୍ଧ କରିବା ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ୧୯୦ଟି ଆୟତ ରହିଛି, ଯେବେ କି ତୌରାତ୍‌ରେ ୫୫୦ଟି ଆୟତ ରହିଛି । ଅସଲ କଥା ହେଉଛି ଏହା କି ଯେତେବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ଏହି ଆୟତ ଗୁଡିକ ପଢ଼ାଯାଏ ସେତେବେଳେ ଏହାର ଅସଲ ଅର୍ଥ ବୁଝାପଡିବ । ମୁସଲ୍‌ମାନମାନେ କେବଳ ଆତ୍ମରକ୍ଷା ପାଇଁ ଯୁଦ୍ଧ କରିପାରିବେ ଓ ତାହା ସେତେବେଳେ ଏବଂ ଯେତେବେଳେ ତାଙ୍କର ଉପରେ ଯୁଦ୍ଧକୁ ଥୋପି ଦିଆଯିବ । ଜିହାଦ୍‌ର ଅର୍ଥ ହେଉଛି ଧର୍ମକୁ ସୁରକ୍ଷା ଦେବା ଆମ ନବୀ ମୁହମ୍ମଦ୍ ସ:ଆ:ସ ମଦିନାରେ ୟହୁଦୀ ଓ ଇସାଇମାନଙ୍କ ଉପାସନା ପୀଠଗୁଡିକୁ ସୁରକ୍ଷା ଯୋଗାଇ ଦେଇଥିଲେ ।

ବାର୍ତାଳାପ ଶେଷ ହେବା ପରେ ହାତ ମିଳାଇବା ଓ ଫଟୋ ଉଠାଇବାର ଅବସର ମଧ୍ୟ ମିଳିଛି । ବାହାରକୁ ବାହାରିବା ସମୟରେ ମଧ୍ୟ ଦେଖାଯାଉଛି ଯେ ଏପର୍ଯ୍ୟନ୍ତ ଲୋକଙ୍କର ଧାଡି ଶେଷ ହୋଇନାହିଁ ଓ ଯେଉଁ ପ୍ରଥମ ବ୍ୟକ୍ତିଜଣକ ଦେଖାଯାଉଛନ୍ତି ତାଙ୍କ ହାତରେ ଗୋଟିଏ ମହୁ ବୋତଲ ରହିଛି ।

ହଲାଣ୍ଡର ରିଜିଓନାଲ୍ ଖବରକାଗଜରେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗସ୍ତ ସମ୍ବନ୍ଧୀୟ ଖବର ପ୍ରକାଶ ପାଇଛି । ସେମାନଙ୍କ ମଧ୍ୟରେ Eindhoven Dagblad, De Stentor, PZC, BN De Stem and Brabantse Dagblad ସାମିଲ୍ ଅଛନ୍ତି ।

ଉକ୍ତ ଖବରକାଗଜ ଗୁଡିକ ୧୦ ଅକ୍ଟୋବର ସଂଖ୍ୟାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା କରିଛନ୍ତି । ସେହିପରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଫଟୋ ମଧ୍ୟ ଛପାଇଛନ୍ତି ଓ ବିଶେଷ ରୂପେ ହଜୁର୍ ଅନୁଓ୍ୱର୍ ଅ:ବ:ଙ୍କ ଦ୍ୱାରା ବିଭିନ୍ନ ପାର୍ଲିଆମେଂଟ୍ ଗୁଡିକରେ ଦିଆଯାଇଥିବା ଅଭିଭାଷଣର ବିବରଣୀ ଅଲଗା ହେଡ୍‌ଲାଇନ୍‌ରେ ଦେଇଛନ୍ତି । ଆଉଗୋଟିଏ ଫଟୋ ସାକ୍ଷାତ୍‌କାର୍ କରିବାକୁ ଆସିଥିବା ଲୋକମାନଙ୍କର ଅପେକ୍ଷାରେ ଛିଡା ହୋଇଥିବାର ମଧ୍ୟ ପ୍ରକାଶ ପାଇଛି ।

ଏହି ଖବରକାଗଜ ଗୁଡିକରେ ''ଅହେମଦୀ ମୁସଲ୍‌ମାନ୍ ମାନଙ୍କ ଆଧ୍ୟାତ୍ମିକ ଗୁରୁଙ୍କ ସହିତ ସାକ୍ଷାତ୍‌କାର୍'' ବିଷୟରେ ମଧ୍ୟ ଖବର ପ୍ରକାଶ ହୋଇଛି ଏ ଖବରକାଗଜ ଗୁଡିକ:-

ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ଗୋଟିଏ ସପ୍ତାହ ନନ୍‌ସ୍ପିଟ୍‌ରେ ରହିବେ, ଯେଉଁଠାରେ ବର୍ତମାନ ଲୋକ ସମାଗମ ରହିଛି । ନନ୍‌ସ୍ପିଟ୍‌ର ଜଙ୍ଗଲରେ ମୁସଲ୍‌ମାନମାନଙ୍କର ଏକ ଲମ୍ବା ଧାଡି । ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ପାଇଁ ସିକ୍ୟୁରିଟିର ବିଶେଷ ବ୍ୟବସ୍ଥା କରାଯାଇଛି । ସେ ମହାଶୟ ଦୁଇଟି ସାତଟି ଦେଶରେ ପରିବ୍ୟାପ୍ତ ଅନେକ ମିଲିୟନ୍ ଅହେମଦୀ ମୁସଲ୍‌ମାନ୍ ମାନଙ୍କର ହେଉଛନ୍ତି ଧର୍ମଗୁରୁ । ଆପଣମାନେ ତାଙ୍କୁ ଜଣେ ଇସ୍‌ଲାମୀୟ ପୋପ୍ ଭଳି ବୁଝନ୍ତୁ । ଏହି ଜମାତ୍‌ର ମୂଳଦୁଆ ମିର୍ଜା ଗୁଲାମ୍ ଅହେମଦ୍ ଅଫ୍ ଇଣ୍ଡିଆ ୧୮୮୯ ମସିହାରେ ରଖିଥିଲେ । ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ହେଉଛନ୍ତି ପଂଚମ ଖଲିଫା । ମସ୍‌ରୁର୍ ଅହେମଦ୍‌କୁ ଡଚ୍ ପାର୍ଲିଆମେଂଟ୍ ନିମନ୍ତ୍ରଣ କରିଛି । ମଙ୍ଗଳବାର ଦିନ ସେ ହାଉସ୍ ଅଫ୍ ରିପ୍ରେଜେଂଟେଟିଭ୍‌ରେ ନିଜର ଶାନ୍ତି ବାର୍ତାକୁ ପ୍ରଚାର କରିଛନ୍ତି । ଏହା ପୂର୍ବରୁ ୟୁ.କେ ପାର୍ଲିଆମେଂଟ୍‌ରେ ମଧ୍ୟ, ଜର୍ମାନୀର ଅଧିବାସୀମାନଙ୍କୁ ମଧ୍ୟ ଏବଂ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ମଧ୍ୟ ଅଭିଭାଷଣ ପ୍ରଦାନ କରିଛନ୍ତି ।

ଆପଣଙ୍କୁ ମାନୁଥିବା ଲୋକମାନେ ଆପଣଙ୍କ ସହିତ ସଂକ୍ଷିପ୍ତ ସାକ୍ଷାତ୍‌କାର୍ କରିପାରୁଛନ୍ତି । ଏଠାରେ ବହୁତ ଗୁଡିଏ କାର୍ ରହିଛି ଓ ବହୁତ ଗୁଡିଏ କାର୍ ବିଦେଶରୁ ମଧ୍ୟ ଆସିଅଛି । ଖଲିଫା ୟୁ.କେରେ ରହୁଛନ୍ତି । କିନ୍ତୁ ଏବେ ତାଙ୍କୁ ମାନୁଥିବା ଲୋକମାନଙ୍କ ନିକଟରେ ତାଙ୍କ ସହିତ ମିଶିବାର ସୁଯୋଗ ରହିଛି । ଏଠାରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି କାରଣ ତାହାର ଆବଶ୍ୟକ ମଧ୍ୟ ରହିଛି ଯେହେତୁ ମୁସ୍‌ଲିମ୍ ରାଷ୍ଟ୍ରଗୁଡିକରେ ତାକୁ ବିରୋଧ କରାଯାଉଛି । ମୁସଲ୍‌ମାନ୍ ପୁରୁଷମାନେ ଭିତରକୁ ଜଣ ଜଣ ହୋଇ ଯାଇ ସାକ୍ଷାତ୍ କରୁଛନ୍ତି । ଏପର୍ଯ୍ୟନ୍ତ ଏଠାରେ କୌଣସି ମହିଳା ଦେଖାଯାଇନାହାଁନ୍ତି ।

ଏତଦ୍‌ବ୍ୟତୀତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବିଭିନ୍ନ ପାର୍ଲିଆମେଂଟ୍ ଗସ୍ତ ସମ୍ବନ୍ଧରେ ''ଶାନ୍ତିର ଖଲିଫା ୟୁରୋପର ପାର୍ଲିଆମେଂଟ୍ ଗୁଡିକୁ ଗସ୍ତ କରୁଛନ୍ତି'' ବିଷୟବସ୍ତୁ ଉପରେ ଖବର ଛପା ଯାଇଛି । ଖବରର ବିବରଣୀ ଦେଇ ଖବରକାଗଜ ଲେଖୁଛି ''ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ପାର୍ଲିଆମେଂଟ୍‌ର ନିମନ୍ତ୍ରଣ ଦ୍ୱାରା ହଲାଣ୍ଡ ଆସିଛନ୍ତି, ଯଦ୍ୱାରା ସେ ନିଜ ବାର୍ତାର ପ୍ରଚାର କରିପାରିବେ । ସେ ପୂର୍ବରୁ ୟୁ.କେ, ଜର୍ମାନୀ ଓ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ଅଭିଭାଷଣ ଦେଇସାରିଛନ୍ତି । ମୁସଲ୍‌ମାନ୍ ଦେଶଗୁଡିକରେ ପ୍ରକୃତ ଲିଡର୍ ନାହାଁନ୍ତି କିନ୍ତୁ ଇଏ ହେଉଛନ୍ତି ଏପରି ଜଣେ ବ୍ୟକ୍ତିବିଶେଷ ଯାହାଙ୍କ କଥାକୁ ମିଲିଅନ୍ ମିଲିଅନ୍ ଲୋକେ ନିଜପାଇଁ ପଥପ୍ରଦର୍ଶକ ବନାଉଛନ୍ତି । ପ୍ରାଶ୍ଚାତ୍ୟ ଦେଶଗୁଡିକରେ ନିଶ୍ଚିତ ରୂପେ ଗୋଟିଏ ଶାନ୍ତିପୂର୍ଣ୍ଣ ଇସ୍‌ଲାମୀୟ ବାର୍ତାର ଭୀଷଣ ଆବଶ୍ୟକ ରହିଛି । ମୁସ୍‌ଲିମ୍ ରାଷ୍ଟ୍ରଗୁଡିକରେ ଏହି ଖଲିଫାଙ୍କର ବିରୋଧ କରାଯାଉଛି ବରଂ ପାକିସ୍ତାନ୍‌ରେ ତାଙ୍କୁ ମାନୁଥିବା ଲୋକମାନେ ନିଜକୁ ମୁସଲ୍‌ମାନ୍ ବୋଲି ମଧ୍ୟ ବୋଲାଇ ପାରୁନାହାଁନ୍ତି । ଏହି ଜମାତ୍ ହଲାଣ୍ଡ୍‌ରେ ପ୍ରଥମେ ମସ୍‌ଜିଦ୍ ମୁବାରକ୍‌କୁ ୧୯୫୫ ମସିହାରେ ନିର୍ମାଣ କରିଛି । ହଲାଣ୍ଡରେ ତାଙ୍କର ସଂଖ୍ୟା ପାଖାପାଖି ୧୮୦୦ ହେବ ।

*ଅବଶିଷ୍ଟାଂଶ ପୃଷ୍ଠା- ୧୧*

ପ୍ରତ୍ୟେକ ଦିନ ମଜୁରୀ କରି କମଉଛନ୍ତି କିନ୍ତୁ ବହୁତ ଆଗ୍ରହର ସହିତ ମାସିକ ଚାନ୍ଦା ପ୍ରଦାନ କରୁଛନ୍ତି । (ଅଞ୍ଜାମେ ଆଥମ, ରୁହାନି ଖଜାଇନ୍, ଖଣ୍ଡ-୧୧, ପୃଷ୍ଠା-୩୧୩)

ପୁଣି ଆଉ ଏକ ଅବସରରେ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଚାନ୍ଦାପାଇଁ ଆହ୍ୱାନ ଦେଲେ ସେତେବେଳେ ସେଇ ତିନିଜଣ ଭାଇ ଚାନ୍ଦା ପ୍ରଦାନ କଲେ । ସେମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି ଯେ ଏହି ବନ୍ଧୁମାନଙ୍କର ଚାନ୍ଦା ଦେବାର ମାମଲା ଅତ୍ୟନ୍ତ ଚମତ୍କାର ଓ ଅନୁଶରଣ ଯୋଗ୍ୟ ଯେ ସେମାନେ ସାଂସାରିକ ଧନସମ୍ପତି ବହୁତ କମ୍ ରଖିଛନ୍ତି ଯେମିତି ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ସଦୃଶ ଯାହାକିଛି ଘରେ ଥିଲା ସେ ସବୁକିଛି ନେଇ ଆସିଛନ୍ତି ଏବଂ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇଛନ୍ତି । ଯେପରିକି ବୟତ୍‌ର ସର୍ତ ଥିଲା । (ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃଷ୍ଠା-୧୬୭)

ସୁତରାଂ ଖ୍ୱାଜା ସାହେବ୍ ସେମାନଙ୍କର ବଂଶଜ ଥିଲେ । ଖ୍ୱାଜା ସାହେବ୍ ପାକିସ୍ତାନ୍ ହିଜ୍‌ରତ୍ କରିବା ପରେ କେତେଦିନ ପାକିସ୍ତାନ୍ ଏୟାର୍‌ଫୋର୍ସ୍‌ରେ କାର୍ଯ୍ୟ କରିଛନ୍ତି । ୧୯୫୮ ମସିସାରେ ସେ ୟୁ.କେ ଚାଲିଆସିଲେ ଓ ଏଠାରେ ୩୩ ବର୍ଷ ପର୍ଯ୍ୟନ୍ତ ବ୍ରିଟିସ୍ ଏୟାର୍ ଓ୍ୱେଜ୍‌ରେ ଚାକିରି କଲେ । ତାଙ୍କୁ ଯେହେତୁ ଖିଦ୍‌ମତେ ସିଲ୍‌ସିଲା ଅର୍ଥାତ୍ ଏହି ସମ୍ପ୍ରଦାୟର ସେବା କରିବା ପାଇଁ ବହୁତ ସଉକ୍ ଥିଲା । ତେଣୁ ସେ ଚାକିରି ସମୟରେ ନିଜର ଡ୍ୟୁଟିକୁ ରାତିବେଳା ରଖନ୍ତି, ଯଦ୍ୱାରା ଦିନବେଳା ଦୀନ୍‌ର ଖିଦ୍‌ମତ୍ କରିପାରିବେ । ଊଣାଅଧିକେ ସମ୍ପୂର୍ଣ୍ଣ ବୟସକୁ ଏ ସମ୍ପ୍ରଦାୟର ସେବାରେ ସେ ବିତାଇଛନ୍ତି । ଜମାତ୍‌ର ବିଭିନ୍ନ ପଦବୀରେ ସେ ରହିଛନ୍ତି । ୟୁ.କେ ରେ ସେ ପ୍ରଥମ କାଏଦ୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ରୂପେ ସାତବର୍ଷ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ସେ ସମୟରେ ବିଦେଶର ଖୁଦାମୁଲ୍ ଅହେମଦୀୟା ମଧ୍ୟ ଖୁଦାମୁଲ୍ ଅହେମଦୀୟା ମର୍କଜିୟା ଅନ୍ତର୍ଗତ ରହୁଥିଲା । ସୁତରାଂ ସେ ୟୁ.କେ ର ପ୍ରଥମ କାଏଦ୍ ଥିଲେ । ତତ୍‌ସହିତ ସେ ନ୍ୟାସ୍‌ନାଲ୍ ଜେନେରାଲ୍ ସେକ୍ରେଟାରୀ, ସେକ୍ରେଟାରୀ ମାଲ୍ ସେକ୍ରେଟାରୀ ରିସ୍ତାନାତା, ସେକ୍ରେଟାରୀ ଉମୁରେ ଆମେ ଏବଂ ନାଏବ୍ ଅଫିସର୍ ଜଲ୍‌ସାଗାଃର ସେବା ସମ୍ପାଦନ କରିବାର ସୌଭାଗ୍ୟ ପାଇଛନ୍ତି । ଖ୍ୱାଜା ସାହେବ୍ ବହୁତ ଗୁଡିଏ ସୁଗୁଣର ଅଧିକାରୀ ଥିଲେ । ଖିଲାଫତ୍ ସହିତ ତାଙ୍କ ବହୁତ ପ୍ରେମଭାବ ଥିଲ । ଏ ସମ୍ପ୍ରଦାୟର ବୟୋଜ୍ୟେଷ୍ଠ, ମୁରବୀ ଗଣ ଏବଂ ଜମାତ୍‌ର ଓ୍ୱହ୍‌ଦାଦାର୍‌ମାନଙ୍କୁ ବହୁତ ସମ୍ମାନ ଦେଉଥିଲେ । ଅତ୍ୟନ୍ତ ପୁଣ୍ୟ ବ୍ୟକ୍ତିଥିଲେ, ତହ୍‌ଜୁଦ୍ ଗୁଜାର୍ ଥିଲେ । ବାଜମାତ୍ ନମାଜକୁ ନିୟମିତ ପାଠ କରୁଥିଲେ, ସବୁ ପ୍ରକାର ଚାନ୍ଦା ଏବଂ ସଦ୍‌କା ଖୈରାତ୍ ଦେବାରେ ଆଗୁଆ, ଅତ୍ୟନ୍ତ ମେଳାପି, ଦୁଃଖୀ ଦରିଦ୍ରଙ୍କ ସେବାକାରୀ, ପିଲାମାନଙ୍କ ସହିତ ଅତ୍ୟନ୍ତ ସ୍ନେହ କରୁଥିଲେ, ବଡ ଓ ସାନମାନଙ୍କୁ ସମ୍ମାନ ଦେଉଥିବା ବହୁତ ଦୁଆଗୁ (ପ୍ରାର୍ଥନାକାରୀ) ସମ୍ମାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ । ମର୍‌ହୁମ୍ ଖୁଦାତାଲାଙ୍କ କୃପାରୁ ମୁସି ଥିଲେ । ତାଙ୍କ ଅନ୍ତେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଗୋଟିଏ ପୁଅ ଓ ଦୁଇଜଣ ଝିଅ ଓ ତାଙ୍କର ଜଣେ ଭଉଣୀ ଓ ତିନିଜଣ ଭାଇ ଅଛନ୍ତି ।

ତାଙ୍କର ନାତୀ କାସିଦ୍ ମୋଇନ୍ ହେଉଛନ୍ତି ମୁରବୀ ସିଲ୍‌ସିଲା ଯିଏ ଆଜିକାଲି ଏମ୍.ଟି.ଏରେ ମଧ୍ୟ ଏବଂ ଅଲ୍‌ହକମ୍‌ରେ ମଧ୍ୟ ସେବା କରିବା ପାଇଁ ସୌଭାଗ୍ୟ ପାଉଛନ୍ତି । କାସିଦ୍ ମୋଇନ୍ ସାହେବ୍ କହୁଛନ୍ତି ଯେ ଆମେ ଶନିବାର ଏବଂ ରବିବାର ଦିନ ଆମ ଅଜାଙ୍କ ଘରେ ରହୁଥିଲୁ । ପ୍ରତ୍ୟେକ ସପ୍ତାହରେ ତାଙ୍କୁ ନିକଟରୁ ଦେଖିବାର ମୌକା ମିଳିଥାଏ । ମୁଁ ଅଧିକାଂଶ ସମୟ ପିଲାଦିନେ ତାଙ୍କ କୋଠରୀରେ ଶୋଇଥାଏ । ଶୋଇବା ପୂର୍ବରୁ ତାଙ୍କୁ ସର୍ବଦା ଦେଖିଛି ଯେ ସେ ନଫିଲ୍ ନମାଜ ପାଠ କରି ଶୁଅନ୍ତି । ନଫିଲ୍ ନମାଜ ଅତ୍ୟନ୍ତ ସୁନ୍ଦର ଓ ଶାନ୍ତିର ସହିତ ପଢୁଥିଲେ । ସକାଳବେଳା ନିୟମିତ ତହ୍‌ଜୁଦ୍ ପାଠ କରିବା ପାଇଁ ଉଠନ୍ତି ଏବଂ ଫଜର୍ ନମାଜ ପାଇଁ ଆମକୁ ମଧ୍ୟ ଉଠାନ୍ତି । ସେ ଲେଖୁଛନ୍ତି ଯେ ତାଙ୍କୁ ସର୍ବଦା ବହୁତ ବିନମ୍ର ସ୍ୱଭାବର ଦେଖିଛି । ସେ ବହୁତ ଫରିସ୍ତା (ଅର୍ଥାତ୍ ଦେବଦୂତ) ଗୁଣର ଅଧିକାରୀଥିଲେ । କେବେ ଆମ ଉପରେ ବିରକ୍ତି ହେଉନଥିଲେ । ସେ କହୁଛନ୍ତି, ତାଙ୍କର ଗୋଟିଏ ବିରକ୍ତିଭାବର ପ୍ରକାଶ ହେବାର ମୋର

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ମନେଅଛି ଓ ତାହା ହେଉଛି ଏପରିକି ମୁଁ ଚତୁର୍ଥ ଖିଲାଫତ୍ ସମୟରେ ପିଲାଦିନର ନିରୀହ ସ୍ୱଭାବ ଯୋଗୁ ତାଙ୍କୁ ଏକଥା ପଚାରିଦେଲି ଯେ ଆଗକୁ ଖଲିଫା କିଏ ହେବେ । ଏଥିରେ ନାନାଜାନ୍ ମୋ ଉପରେ ବହୁତ ବିରକ୍ତ ହେଲେ ଓ ବୁଝାଇଲେ ଯେ ଏମିତି କଥା କୁହନ୍ତିନାହିଁ ଏବଂ ଛୋଟ ବୟସରେ ହିଁ ସେହି ଶିକ୍ଷା ମୋତେ ଖିଲାଫତ୍‌ର ପଦମର୍ଯ୍ୟାଦା ସମ୍ବନ୍ଧରେ ଜଣାଇ ଦେଇଥିଲା ।

ସେ ଯାହାହେଉ ଖିଲାଫତ୍ ସହିତ ତାଙ୍କର ଏକ ଅସାଧାରଣ ଭକ୍ତିଭାବର ସମ୍ବନ୍ଧ ଥିଲା । ସେ ନିୟମିତ ମୋ ନିକଟକୁ ଚିଠି ଲେଖୁଥିଲେ ଓ ବେମାର ପଡ଼ିଥିବାର ଶେଷ ଦିବସଗୁଡିକରେ ମଧ୍ୟ ଆସିଛନ୍ତି । ମୋ ଗସ୍ତ ପୂର୍ବରୁ ମଧ୍ୟ କିଛିଦିନ ପୂର୍ବେ ମୋ ସହିତ ସାକ୍ଷାତ୍ କରିବା ପାଇଁ ଆସିଛନ୍ତି । ତାଙ୍କୁ କ୍ୟାନ୍‌ସର୍ ହୋଇଥିଲା ଓ ଏହାର ଉପଚାର ମଧ୍ୟ ବହୁତ କଷ୍ଟକର ଥିଲା ଏ ରୋଗ ମଧ୍ୟ ବହୁତ ପୀଡାଦାୟକ ଥିଲା କିନ୍ତୁ ବହୁତ ଧୈର୍ଯ୍ୟର ସହିତ ବର୍ଦାସ୍ତ କଲେ ଓ ବହୁତ ସାହସର ସହିତ ସମସ୍ତ କଥା ବତାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହିତ ମଗ୍‌ଫିରତ୍ ଅଓର୍ ରହମ୍ ଅର୍ଥାତ୍ କ୍ଷମା ଆଚରଣ କରନ୍ତୁ ଓ ଦୟା ଆଚରଣ କରନ୍ତୁ । ସେଭଳି ନିଜ ପ୍ରିୟଜନଙ୍କ ପାଦତଳେ ସ୍ଥାନ ଦିଅନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ଓ ତାଙ୍କ ବଂଶକୁ ମଧ୍ୟ ତାଙ୍କ ପୁଣ୍ୟକାର୍ଯ୍ୟଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥିଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ୍ୟ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା'ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାମେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।

* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୂର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀକୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

**ତାଲିବେ ଦୁଆ:** *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ ......*

କବିଲାର ଧ୍ୱଜାକୁ ହୁବାବ୍ ବିନ୍ ମୁନ୍‌ଜିଲ୍‌ଙ୍କ ହାତରେ ଦିଆଗଲା ଏବଂ ମୁହାଜିର୍‌ମାନଙ୍କ ଧ୍ୱଜାଟି ହଜ୍‌ରତ୍ ଅଲି ର:ଅଙ୍କୁ ଦିଆଗଲା ଏବଂ ପୁଣି ମଦିନାରେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍‌ଙ୍କୁ ଇମାମୁସଲାତ୍ ନିୟୋଜିତ କରି ଆପଣ ସ:ଆ:ସ ସାହାବାମାନଙ୍କର ଏକ ବହୁତ ବଡ ଜମାତ୍‌କୁ ସାଥିରେ ନେଇ ନମାଜ ଅସର୍ ପରେ ମଦିନାରୁ ବାହାରିଲେ । ଅଓସ୍ କବିଲା ଏବଂ ଖଜ୍‌ରଜ୍ କବିଲାର ମୁଖିଆ ସାଆଦ୍ ବିନ୍ ମାଆଜ୍ ଓ ସାଆଦ୍ ବିନ୍ ଉବାଦା ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ସବାରି ସମ୍ମୁଖରେ ଧିରେଧିରେ ଦଉଡି ଦଉଡି ଯାଉଥିଲେ ଓ ବାକି ସାହାବାମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଡାହାଣପଟେ ଓ ବାମପଟେ ପଛେ ପଛେ ଚାଲୁଥିଲେ । ଓ୍ୱହଦ୍ ପାହାଡଟି ମଦିନାର ଉତର ଦିଗ ଆଡକୁ ପାଖାପାଖି ୩ ମାଇଲ୍ ଦୂରତାରେ ଅବସ୍ଥିତ ସେମାନେ ଅଧାବାଟରେ ଶେଖୈନ୍ ନାମକ ସ୍ଥାନରେ ପହଂଚିଲେ ସେଠାରେ ଆପଣ ସ:ଆ:ସ ରହିଲେ ଏବଂ ଇସ୍‌ଲାମୀୟ ସେନାର ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଅଳ୍ପ ବୟସର ଯେଉଁ ପିଲାମାନେ ଜିହାଦ୍ କରିବାର ଉତ୍ସାହ ଦେଖାଇ ତାଙ୍କ ସହିତ ଚାଲିଆସିଥିଲେ ସେମାନଙ୍କୁ ସେଠାରୁ ଲେଉଟାଇ ଦିଆଗଲା । ସୁତରାଂ ଅବ୍‌ଦୁଲ୍ଲାଃ ବିନ୍ ଉମର, ଉସମା ବିନ୍ ଜଏଦ୍, ଅବୁ ସଇଦ୍ ଖୁଦ୍‌ର ଇତ୍ୟାଦି ସାହାବାମାନଙ୍କୁ ଫେରାଇ ଦିଆଗଲା । ରାଫେ ବିନ୍ ଖଦିଜ୍ ସେହି ପିଲାମାନଙ୍କର ସମ ବୟସ୍କ ଥିଲେ କିନ୍ତୁ ତୀର ଚାଳନାରେ ସେ ବହୁତ ପ୍ରବୀଣ ଥିଲେ । ତାଙ୍କର ଏହି ବିଶେଷତା ଯୋଗୁ ତାଙ୍କ ବାପା ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ତାଙ୍କପାଇଁ ସୁପାରିଶ୍ କଲେ ଯେ ତାଙ୍କୁ ମଧ୍ୟ ଏହି ଜିହାଦ୍‌ରେ ଯୋଗ ଦେବାପାଇଁ ଅନୁମତି ଦିଆଯାଉ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ରାଫେ ଆଡକୁ ଆଖି ବୁଲାଇ ଦେଖିଲେ ସେ ସିପାହୀମାନଙ୍କ ପରି ଖୁବ୍ ଠାଣିରେ ଛିଡା ହୋଇଗଲେ । ଯଦ୍ୱାରା ସେ କର୍ମଠ ଦେଖାଯିବେ । ସୁତରାଂ ତାଙ୍କର ଏହି ଚାଲାକି ସଫଳ ହେଲା । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ମଧ୍ୟ ସାଥିରେ ନେବା ପାଇଁ ଅନୁମତି ଦେଇଦେଲେ । ଏଥିରେ ଆଉ ଗୋଟିଏ ପିଲା ସମ୍‌ରା ବିନ୍ ଜନ୍ଦବ୍ ଯାହାକୁ ଲେଉଟି ଯିବା ପାଇଁ ନିର୍ଦ୍ଦେଶ ମିଳିସାରିଥିଲା ସେ ତା ବାପା ନିକଟକୁ ଯାଇ କହିଲା ଯେ ଯଦି ରାଫେକୁ ନିଆଯାଇଛି ତେବେ ମୋତେ ମଧ୍ୟ ଅନୁମତି ମିଳିବା ଉଚିତ୍ କାରଣ ମୁଁ ରାଫେଠାରୁ ମଜ୍‌ବୁତ୍ ଏବଂ କୁସ୍ତିରେ ତାକୁ ତଳେ ପକାଇଦିଏ । ବାପାକୁ ପୁଅର ଏପରି ନିଷ୍ଠାଭାବ ଦେଖି ବହୁତ ଖୁସି ଲାଗିଲା । ତେଣୁ ସେ ତାକୁ ସାଥିରେ ନେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହେଲେ ଓ ନିଜ ପୁଅର ଇଚ୍ଛାକୁ ପରିପ୍ରକାଶ କଲେ । ଆଁ ହଜ୍‌ରତ୍ ସ:ଆ:ସ ହସିଦେଇ କହିଲେ, ତେବେ ଠକ୍ ଅଛି ଯଦି ଏପରି କଥା ତେବେ ରାଫେ ଓ ସମ୍‌ରାଙ୍କ ମଧ୍ୟରେ କୁସ୍ତି କରାଯାଉ । ଯଦ୍ୱାରା ଜଣାପଡିଯିବ ଯେ କିଏ ହେଉଛି ଅଧିକା ମଜ୍‌ବୁତ୍ । ସୁତରାଂ ମୁକାବିଲା ହେଲା ଓ ପ୍ରକୃତରେ ସମ୍‌ରା ଅଳ୍ପ ସମୟ ମଧ୍ୟରେ ରାଫେକୁ କଚାଡିଦେଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସମ୍‌ରାକୁ ମଧ୍ୟ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କଲେ । ଏଥିରେ ସେହି ନିରୀହ ପିଲାଟିର ମନ ଖୁସି ହୋଇଗଲା । ଏବେ ଯେହେତୁ ସନ୍ଧ୍ୟା ହୋଇସାରିଥିଲା । ତେଣୁ ବିଲାଲ୍ ର:ଅ ଅଜାନ୍ ଦେଲେ ଏବଂସାହାବାମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଛରେ ନମାଜ ପଢ଼ିଲେ । ପୁଣି ମୁସଲ୍‌ମାନ୍‌ମାନେ ଏଠାରେ ରାତ୍ରି ଯାପନ କଲେ ଓ ଆଁ ହଜ୍‌ରତ୍ ସ:ଆ:ସ ରାତ୍ରିରେ ପହରା ଦେବାପାଇଁ ମୁହମ୍ମଦ୍ ବିନ୍ ମୁସ୍‌ଲିମାକୁ ନିୟୋଜିତ କଲେ ଯିଏ ପଚାଶ ଜଣ ସାହାବାମାନଙ୍କର ଗୋଟିଏ ଦଳ ସହିତ ରାତ୍ରି ତମାମ ଇସ୍‌ଲାମୀୟ ସେନାର ଚତୁଃପାର୍ଶ୍ୱରେ ପହରା ଦେଲେ ।

ଦ୍ୱିତୀୟ ଦିନ ଅର୍ଥାତ୍ ୧୫ ଶଓ୍ୱାଲ୍ ତୃତୀୟ ହିଜ୍‌ରି ମୁତାବକ ୩୧ ମାର୍ଚ୍ଚ ୬୨୬ ଖ୍ରୀଷ୍ଟାବ୍ଦ ଶନିବାର ଦିନ ପ୍ରତ୍ୟୁଷ ସମୟରେ ଇସ୍‌ଲାମୀୟ ସେନା ଆଗକୁ ବଢ଼ିଲା ଏବଂ ରାସ୍ତାରେ ନମାଜ ପାଠ କରି ସକାଳେ ସକାଳେ ଓ୍ୱହଦ୍ ପାହାଡର ତଳେ ପହଂଚିଗଲେ । ଏହି ଅବସରରେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ରଇସୁଲ୍ ମୁନାଫିକିନ୍ ବିଶ୍ୱାସଘାତକତା କଲେ ଏବଂ ନିଜର ସାଥିମାନଙ୍କ ସହିତ ମୁସଲ୍‌ମାନ୍ ସେନାଠାରୁ ଅଲଗା ହୋଇଯାଇ ଏକଥା କହି ମଦିନା ଆଡକୁ ଲେଉଟି ଗଲା ଯେ ମୁହମ୍ମଦ୍ ସ:ଆ:ସ ମୋ କଥାକୁ ମାନିଲେ ନାହିଁ ଏବଂ ଅଣ ଅନୁଭବି ଯୁବକମାନଙ୍କ କହିବାରେ ଆସି ବାହାରକୁ ବାହାରିପଡିଲେ । ତେଣୁ ମୁଁ ତାଙ୍କ ସହିତ ମିଶି ଲଢ଼ିପାରିବି ନାହିଁ । କେତେକ ଲୋକେ ତାକୁ ଏକଥା ବୁଝାଇଲେ ଯେ ଏପରି ବିଶ୍ୱାସଘାତକତା ଠିକ୍ ନୁହେଁ କିନ୍ତୁ ସେ କାହାକଥା ଶୁଣିଲେ ନାହିଁ ଓ ଏକଥା କହି ଚାଲିଗଲେ ଯେ ଏମିତି କଣ ଯୁଦ୍ଧ କରାଯାଏ । ଯଦି ହୋଇଥାନ୍ତା ତେବେ ମୁଁ ସାମିଲ୍ ହୋଇଥାନ୍ତି କିନ୍ତୁ ଏହା ତ ଯୁଦ୍ଧ ନୁହେଁ ବରଂ ନିଜକୁ ଧ୍ୱଂସ ମୁଖରେ ପକାଇବା ଅଟେ । ଏବେ ମୁସଲ୍‌ମାନ୍‌ମାନଙ୍କ ଶକ୍ତି କେବଳ ସାତଶହ ଲୋକଙ୍କ ମଧ୍ୟରେ ସିମୀତ ଥିଲା ଯାହା କୁଫାରଙ୍କ ତିନିହଜାର ସିପାହୀମାନଙ୍କ ମୁକାବିଲାରେ ଏକ ଚତୁର୍ଥାଂଶରୁ ମଧ୍ୟ କମ୍ ଥିଲା । (ସିରତ୍ ଖାତ୍‌ମୁନ୍ ନବିଇନ୍, ପୃଷ୍ଠା- ୪୮୪-୪୮୭) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୩, ପୃଷ୍ଠା-୧୬୮ ଶୈ ଖାନ୍ ଶବ୍ଦ ଅନ୍ତର୍ଗତ) ସେ ଯାହାହେଉ ଯୁଦ୍ଧ ହେଲା ଏ ସମ୍ବନ୍ଧରେ ଆହୁରି କିଛି ମଧ୍ୟ ବର୍ଣ୍ଣନା ରହିଛି, ବାକି ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ ଜଣେ ମର୍‌ହୁମ୍‌ଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ନମାଜ ଯନାଜାଃ ମୁଁ ଏହି ନମାଜ ପାଠ ପରେ ପଢ଼ିବି, ସେ ହେଉଛନ୍ତି ମୁକରମ୍ ଖ୍ୱାଜା ରଶିଦୁଦ୍ଦିନ୍ କମର୍ ସାହେବ୍, ଯିଏ ମୌଲାନା କମ୍‌ରୁଦ୍ଦିନ୍ ସାହେବ୍ ମର୍‌ହୁମ୍‌ଙ୍କ ସୁପୁତ୍ର ଥିଲେ, ୧୦ ଅକ୍ଟୋବର ଦିନ ଅଳ୍ପ କିଛି ଦୁର୍ବଳତା ପରେ ୮୬ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।

କାଦିଆନ୍‌ରେ ୧୯୩୩ ମସିହାରେ ଜନ୍ମ ହୋଇଥିଲେ ଓ ଯେପରିକି ମୁଁ କହିସାରିଛି ଯେ ସେ ମୌଲବୀ କମ୍‌ରୁଦ୍ଦିନ୍ ସାହେବ୍‌ଙ୍କର ପୁତ୍ର ଥିଲେ । ମୌଲବୀ କମ୍‌ରୁଦ୍ଦିନ୍ ସାହେବ୍‌ଙ୍କୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟାର ପ୍ରଥମ ସଦର୍ ରୂପେ ନିୟୋଜିତ କରିଥିଲେ । ମର୍‌ହୁମ୍ ହଜ୍‌ରତ୍ ମିଆଁ ଖୈରୁଦ୍ଦିନ୍ ସାହେବ୍ ସିଖୁଆନି ର:ଅଙ୍କ ପୁତ୍ରଙ୍କ ପୁତ୍ର (ଅର୍ଥାତ୍ ନାତି) ଏବଂ ଆମ ଅମୀର୍ ସାହେବ୍ ୟୁ.କେଙ୍କର ସେ ମାମୁ ଥିଲେ । ହଜ୍‌ରତ୍ ମିଆଁ ଖୈର୍‌ଦିନ ସିଖୁଆନି ର:ଅ ଏବଂ ତାଙ୍କର ଦୁଇଜଣ ଭାଇଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁସ୍ତକ ଅଞ୍ଜାମେ ଆଥମ୍‌ରେ ଲେଖିଛନ୍ତି ଯେ ମୁଁ ନିଜ ଜମାତ୍‌ର ପ୍ରେମ ଏବଂ ନିଷ୍ଠାଭାବକୁ ଦେଖି ବହୁତ ଆଚମ୍ବିତ ଯେ ସେମାନଙ୍କ ମଧ୍ୟରେ ଅତ୍ୟନ୍ତ କମ୍ ସ୍ୱଚ୍ଛଳ ଥିବା ଲୋକେ ଯେମିତି ମିଆଁ ଜମାଲୁଦ୍ଦିନ ଏବଂ ଖୈରୁଦ୍ଦିନ୍ ଓ ଇମାମୁଦ୍ଦିନ୍ କଶ୍‌ମିରି ମୋ ଗାଁ ନିକଟରେ ରହୁଛନ୍ତି । ଏହି ତିନିଜଣ ଗରୀବ ଭାଇ ଯେଉଁମାନେ ବୋଧହୁଏ ତିନିଚାରି ଅଣା

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 21 Nov 2019 Issue No. 47

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ – (ଜୁଲାଇ ୨୦୧୯)

## ୫ ଜୁଲାଇ ୨୦୧୯ (ପବିତ୍ର ଶୁକ୍ରବାର) ରିପୋର୍ଟର ବଳକା ଅଂଶ

### ଲିଥ୍ୱାନିଆର ପ୍ରତିନିଧି ମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସାକ୍ଷାତକାର

ଏହାପରେ ପ୍ରୋଗ୍ରାମ ମୁତାବକ ଲିଥ୍ୱାନିଆର ପ୍ରତିନିଧି ମଣ୍ଡଳ ସାକ୍ଷାତକାର କରିବାର ସୌଭାଗ୍ୟ ପାଇଲେ । ଲିଥ୍ୱାନିଆରୁ ୫୮ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଛି । ଏଥିରେ ୪୬ ଜଣ ଅଣଅହେମଦୀ, ଅଣ ମୁସଲିମ୍ ସଦସ୍ୟ ଥିଲେ ଯେବେ କି, ୧୨ ଜଣ ଅହେମଦୀ ଥିଲେ ।

ଏହି ପ୍ରତିନିଧିମଣ୍ଡଳରେ ସାମିଲ ଥିବା ଜଣେ ବନ୍ଧୁ କହିଲେ ଯେ, ସେ ହେଉଛନ୍ତି ଜଣେ ଲେଖକ ଓ ଗୋଟିଏ ପ୍ରତ୍ରିକା ମଧ୍ୟ ପ୍ରକାଶ କରୁଛନ୍ତି, ସେ କହିଲେ ମୋର ଉଦ୍ଦେଶ୍ୟ ହେଉଛି ଏହା କି ମୁଁ ମାନବତା ସମ୍ବନ୍ଧରେ କିଛି ଲେଖେ ଯଦ୍ୱାରା ଲୋକମାନେ ନିକଟକୁ ଆସିବେ । ହଜୁରଙ୍କ ଅଭିଭାଷଣରୁ ଚୟନ କରି ମଧ୍ୟ ମୁଁ ଲେଖୁଛି ଯଦ୍ୱାରା ଲୋକମାନେ ଇସ୍‌ଲାମର ନିକଟତର ହୁଅନ୍ତୁ ଫଳତଃ ସେମାନଙ୍କୁ ଇସ୍‌ଲାମର ବାସ୍ତବିକ ଶିକ୍ଷାର ଜ୍ଞାନ ହାସଲ ହେଉ । ମୁଁ ପ୍ରଥମ ପ୍ରତ୍ରିକାଟି ଅହେମଦିୟା ସମ୍ପ୍ରଦାୟ ସମ୍ବନ୍ଧରେ ପ୍ରକାଶ କରିଛି । ସେଥିରେ ଯମାତ୍‌ର ପରିଚିୟ, ଅହେମଦୀୟା ଖିଲାଫତର ପରିଚୟ ଏବଂ ଜଲ୍‌ସା ସାଲାନା ସମ୍ବନ୍ଧରେ ବର୍ଣ୍ଣନା କରିଛି । ପୁଣି ଯମାତ୍ ଯେଉଁ ସେବା କାର୍ଯ୍ୟ କରୁଛି । ସେ ସମ୍ବନ୍ଧରେ ମଧ୍ୟ ବିବରଣୀ ଦେଇଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ବର୍ତମାନ ଏହାକୁ ଲିଥ୍ୱାନିଆରେ ପ୍ରଚାର ପ୍ରସାର କରନ୍ତୁ । ଆପଣ ତ ସମଗ୍ର ଦେଶରେ ଯମାତ୍‌ର ପରିଚୟ ଦେଉଅଛନ୍ତି । ତେଣୁ ଏହାକୁ ଏବେ ଦେଶର ଚାରିଆଡ଼େ ପ୍ରସାର କରନ୍ତୁ । ଏହାଦ୍ୱାରା ସେଠିକାର ମୁବଲିଗ୍‌ଙ୍କ ଅଳସୁଆପଣ ମଧ୍ୟ ଦୂର ହୋଇଯିବ ଫଳତଃ ତାଙ୍କୁ ମଧ୍ୟ କାମ କରିବାକୁ ପଡ଼ିବ ।

ଲିଥ୍ୱାନିଆରୁ ପିତରସ୍ ୟାନୁ ଲେଓ୍ୱନ୍‌ସ ସାହେବ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ । ଜଲ୍‌ସା ସାଲାନାରେ ଯୋଗଦେବା ପୂର୍ବରୁ ଇସଲାମ ସମ୍ବନ୍ଧରେ ମୋର ଭାବନା କିଛି ଭଲ ନଥିଲା । କିନ୍ତୁ ଏହି ଜଲ୍‌ସାରେ ଯୋଗଦେବା ପରେ ଇସ୍‌ଲାମ ସମ୍ବନ୍ଧରେ ମୋର ମନୋଭାବ ବହୁତ ଯୁକ୍ତାତ୍ମକ ହୋଇଯାଇଛି । ମତେ ଜଲ୍‌ସାରେ ଏକଥା ଅନୁଭବ ହେଲା ଯେ, ମୁସଲମାନମାନେ ନିଜ ଆସ୍ଥା ସହିତ ବହୁତ ଗମ୍ଭୀରତାର ସହିତ ଜଡ଼ିତ ଅଛନ୍ତି ବରଂ ମୁଁ ଏହା କହିବାକୁ ଚାହିଁବି ଯେ, ଇସାଇ ମାନଙ୍କ ତୁଳନାରେ ମାତ୍ରାଧିକ ଗମ୍ଭୀର ଅଛନ୍ତି । ଆପଣଙ୍କ ଖଲିଫା ବହୁତ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଅଟନ୍ତି ଏବଂ ଲୋକମାନଙ୍କ ସହିତ ବହୁତ ଖୋଲାଖୋଲି ଭାବେ କଥା ହୁଅନ୍ତି ।

ଲିଥ୍ୱାନିଆରୁ ଆସିଥିବା ଓନ୍‌ସ ବ୍ରାଜାଓ୍ୱସ୍‌କସ୍ ସାହେବ କହୁଛନ୍ତି ଯେ, ମୁଁ ସର୍ବଦା ଇସଲାମକୁ ଗୋଟିଏ ଧର୍ମ ହିସାବରେ ସମ୍ମାନ ଜଣାଉଥିଲି ଏଠାକୁ ଆସି ଏକଥା ଅନୁଭବ ହେଲା ଯେ, ଇସ୍‌ଲାମ ହେଉଛି ଶାନ୍ତି ଓ ସହନଶୀଳତାର ଧର୍ମ ମୁଁ ଖଲିଫା ସାହେବଙ୍କ ବ୍ୟକ୍ତିତ୍ୱରୁ ବହୁତ ପ୍ରଭାବିତ ହୋଇଛି ।

ରିତା ଏଫ୍‌ସି ଗି ଆନେ ସାହିବା ବର୍ଣ୍ଣନା କଲେ ଯେ, ଜଲ୍‌ସାର ପ୍ରତ୍ୟେକ ଦିନ ଗୋଟିଏ ନୂଆ ଅନୁଭବ ଆଣିଦେଉଥିଲା । ମୋତେ ଏହି ଜଲ୍‌ସା ସାଲାନାର ବନ୍ଧୁତ୍ୱପୂର୍ଣ୍ଣ ପରିବେଶଟି ବହୁତ ପ୍ରଭାବିତ କରିଛି । ଖଲିଫା ହେଉଛନ୍ତି ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ମାଲିକ । ସେ ଧୈର୍ଯ୍ୟର ସହିତ ପ୍ରତ୍ୟେକଙ୍କ ପ୍ରଶ୍ନକୁ ଶୁଣୁଛନ୍ତି ଏବଂ ଉତର ମଧ୍ୟ ଦେଉଛନ୍ତି । ସେହିଭଳି ଖଲିଫାଙ୍କର ମିଜାଜ୍ ବହୁତ ସୁନ୍ଦର ।

ଲିଥ୍ୱାନିଆରୁ ଆସିଥିବା ମାନିଫା ମିସ୍‌କିନିଆନେ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଜଲ୍‌ସାରେ ଯୋଗ ଦେବା ପୂର୍ବରୁ ଇସ୍‌ଲାମ ସମ୍ବନ୍ଧରେ ବହୁତ କିଛି ସଂସୟ ଥିଲା । କାରଣ କେତେକ ମୁସଲମାନ ବହୁତ କ୍ରୋଧି ସ୍ୱଭାବର ଏବଂ ଅନ୍ୟ ଧର୍ମ ସମ୍ବନ୍ଧରେ ସେମାନେ ଧୈର୍ଯ୍ୟ ଓ ଶହିଷ୍ଣୁତା ଦେଖାଇ ନଥାନ୍ତି । କିନ୍ତୁ ଜଲ୍‌ସାରେ ସାମିଲ ହେବା ପରେ ମୁଁ ଏକଥା ଜାଣିପାରିଲି ଯେ, ଅହେମଦୀ ମୁସଲମାନମାନେ ଅନ୍ୟମାନଙ୍କ ମତ ଓ ଅନ୍ୟମାନଙ୍କ ଧର୍ମକୁ ବହୁତ ସମ୍ମାନ ଜଣାଉଛନ୍ତି । ଏବଂ ସମଗ୍ର ମାନବ ସମାଜରେ ଶାନ୍ତି ଓ ପ୍ରେମକୁ ବାଂଟି ଚାଲିଛନ୍ତି । ସେ ପୁଣି କହୁଛନ୍ତି ମତେ ଇସ୍‌ଲାମ ସମ୍ବନ୍ଧରେ ଏଠାରେ ବହୁତ କିଛି ଶିଖିବାକୁ ମଳିଲା । ସେ ପୁଣି କହୁଛନ୍ତି ଯେ, ଏଠାରେ ସବୁ ଲୋକମାନେ ବହୁତ ସ୍ନେହ କରିବା ପାଇଁ ଓ ସେବା କରିବା ପାଇଁ ସର୍ବଦା ପ୍ରସ୍ତୁର ରହିଛନ୍ତି । ଖଲିଫା ସାହେବଙ୍କ ସକରାତ୍ମକ ଚିନ୍ତାଧାରା ମୋ ମୁଣ୍ଡ ଭିତରେ ନକ୍ସା ହୋଇ ରହିଗଲା । ତାଙ୍କ ପ୍ରଶ୍ନ ଗୁଡ଼ିକର ଉତର ବହୁତ ବ୍ୟାଖ୍ୟା ପୂର୍ଣ୍ଣ ଏବଂ ପ୍ରତ୍ୟେକଙ୍କୁ ବହୁତ ସହଜରେ ବୁଝାପଡୁଥିଲେ । ହଜୁରଙ୍କ ଶାନ୍ତିବାର୍ତା ବହୁତ ପ୍ରଭାବଶାଳୀ ଥିଲା ଏବଂ ମତେ ବହୁତ ଖୁସୀ ଲାଗୁଛି ଯେ, ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମିଳିଛି ।

ଲିଥ୍ୱାନିଆରୁ ଆସିଥିବା ଜଣେ ଅତିଥି ଗିନା ପାଉଲାଦେସ୍‌କି ଆନେ ସାହିବା କହୁଛନ୍ତି, ମୋର ଇସ୍‌ଲାମ ସମ୍ବନ୍ଧରେ ଯେଉଁ ଜ୍ଞାନଥିଲା ସେଥିରେ ବୃଦ୍ଧି ହୋଇଛି । ପବିତ୍ର କୋରାନ୍‌ର ତିଲାଓ୍ୱତ୍ ଶୁଣି ବହୁତ ମଜା ଲାଗିଲା ସେହିପରି ଖଲିଫା ସାହେବଙ୍କ ଉତରଗୁଡିକ ବହୁତ ବ୍ୟାଖ୍ୟା ପୂର୍ଣ୍ଣ ଏବଂ ସକାରାତ୍ମକ ଥିଲା ।

ମାରିୟା କୋମିଆଗୁ ସାହିବା କହିଲେ ଯେ, ଜଲ୍‌ସାରେ ମୁସଲମାନମାନଙ୍କର ଏକ ବହୁତ ବଡ଼ ସଂଖ୍ୟା ସହିତ ମିଳିବାର ଅବସର ମିଳିଥାଏ । ଯେଉଁମାନେ ଶାନ୍ତିର ଶିକ୍ଷାକୁ ପ୍ରଚାର କରିବାକୁ ଚାହୁଁଛନ୍ତି । ଏଠାରେ ଇସଲାମୀୟ ଶିକ୍ଷା ସମ୍ବନ୍ଧିୟ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ବହୁତ ଜ୍ଞାନ ଶିଖିବାକୁ ମିଳିଲା । ଜଲ୍‌ସା ଚାଲିଥିବା ସମୟରେ ଚାରିଆଡ଼େ ହସହସ ଚେହେରା ବହୁତ ପ୍ରଭାବ ପକାଉଥିଲା । ଖଲିଫା ସାହେବ ଜଣେ ବହୁତ ଜ୍ଞାନୀ ବ୍ୟକ୍ତିତ୍ୱ ଏବଂ ବହୁତ ମଜାଳିଆ ସ୍ୱଭାବର ଅଟନ୍ତି ।

ଲିଥ୍ୱାନିଆରୁ ଲରେନ୍‌ସ ବାଲାକ୍‌ତା ସାହେବ କହୁଛନ୍ତି ଯେ, ଏହି ଜଲ୍‌ସାରେ ସାମିଲ ହେବା ପରେ ଇସଲାମ ସମ୍ବନ୍ଧରେ ମୋର ରାୟ ୧୮୦ ଡ଼ିଗ୍ରୀରେ ପରିବର୍ତନ ହୋଇଯାଇଛି । ଯମାତ୍ ବହୁତ ଶାନ୍ତିପ୍ରୀୟ ଏବଂ ସନ୍ତ୍ରାସବାଦର ବିଲ୍‌କୁଲ୍ ବିରୋଧ କରିଥାଏ । ଯମାତ୍ ଅହେମଦୀୟା ଏହି ଦୁନିଆର ସମସ୍ତ ସମସ୍ୟାଗୁଡ଼ିକର ସମାଧାନ ଉପସ୍ଥାପନ କରୁଅଛି ତାହା ଇମିଗ୍ରେସନ୍‌ରେ ହେଉ, ନ୍ୟୁକ୍ଲିୟର୍ ଯୁଦ୍ଧର ହେଉ ଅଥବା ଆର୍ଥିକା ସମସ୍ୟା ହେଉ । ସମସ୍ତଙ୍କର ସମାଧାନର କଥା କହିଥାଏ । ଖଲିଫା ସାହେବ ଅତ୍ୟନ୍ତ ସାଧା ମିଜାଜ୍‌ର ଏବଂ ପୃଥିବୀର ଅନ୍ୟ ଲିଡ଼ରମାନଙ୍କ ବିପରୀତ ଅଟନ୍ତି, ଯେଉଁମାନେ ନିଜକୁ ବାକି ପୃଥିବୀଠାରୁ ଉପରେ ଥିବାର ବିବେଚନା କରିଥାନ୍ତି । ଖଲିଫା ବହୁତ ଦୟାଳୁ, ସ୍ନେହୀ ଓ ବହୁତ ଭଲପାଉଥିବା ବ୍ୟକ୍ତିତ୍ୱ ଅଟନ୍ତି ସେହିପରି ତାଙ୍କର ସ୍ୱଭାବରେ ଯେଉଁ ମଜାଳିଆପଣ ରହିଛି ତାହା ମତେ ବହୁତ ପ୍ରଭାବ ପକାଇଛି ।

ଲିଥ୍ୱାନିଆରୁ ରିମାପୋଇଲିନିନ୍ ସାହିବା କହୁଛନ୍ତି ଜଲ୍‌ସାରେ ସାମିଲ ହେବା ଦ୍ୱାରା ଇସଲାମ ଶିକ୍ଷା ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ମିଳିଲା । ଇସଲାମ ଏବଂ ଯମାତ୍‌ର ପରିଚୟ ଏବଂ ଇତିହାସ ଉପରେ ଆଧାରିତ ପଦର୍ଶନୀଗୁଡ଼ିକ ବହୁତ ଫଳପ୍ରଦ ଥିଲା । ଜଲ୍‌ସାର ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ବ୍ୟବସ୍ଥା ମତେ ବହୁତ ଗଭୀର ପ୍ରଭାବ ପକାଇଛି । ଆମ ଲିଥ୍ୱାନିଆନ୍ ଅହେମଦୀ ବନ୍ଧୁ ଅକ୍ୱି ଅହେମଦ୍ ବହୁତ ପ୍ରେମ କରୁଥିବା ମହିଳା ଅଟନ୍ତି, ଯିଏ ଜଲ୍‌ସା ସମୟରେ ପ୍ରତ୍ୟେକ ଜିନିଷର ପରିଚୟ ଆମକୁ ପ୍ରଦାନ କଲେ । ସମସ୍ତ କାର୍‌କୁନ୍‌ମାନେ ବହୁତ ଭଲ ପାଉଥଲେ ଓ ନିଜ ଭିତରେ ସହନଶୀଳତା ଅବଲମ୍ବନ କରୁଥିବା ଲୋକ ଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବା ସମୟରେ ବହୁତ ଶାନ୍ତି ମିଳିଲା ଓ ହଜୁରଙ୍କ ଉତର ଶୁଣି ବହୁତ ପ୍ରଭାବିତ ହେଲି ।

ଲିଥ୍ୱାନିଆରୁ ଆସିଥିବା ଜଣେ ବନ୍ଧୁ ସ୍ତାନିସ୍‌ଲାଓ୍ୱା ଲେଗିକିୟାନି ସାହିବା କହିଲେ ଯେ, ମୁସଲମାନମାନଙ୍କ ସହିତ ମୋର ସମ୍ପର୍କ ୧୯୭୦ ମସିହାରୁ ରହିଛି ଯମାତ୍‌ର ଏତେବଡ଼ ସଂଖ୍ୟା ଗୋଟିଏ ସ୍ଥାନରେ ଗୋଟିଏ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏକତ୍ରୀତ ହେବା ଏବଂ ବହୁତ ସୁନ୍ଦର ସୁଗମତାର ସହିତ ଏତେ ବଡ଼ ସଂଖ୍ୟାରେ ଲୋକମାନେ ନମାଜ୍‌ପାଠ କରିବା ଓ ଦୁଆ କରିବା ବହୁତ ପ୍ରଭାବ ପକାଇଥାଏ । ହଜୁର ଅନଓ୍ୱର ଅ:ବ:ଅଙ୍କର ଏ ପ୍ରଶ୍ନ ଯେ, 'ନିଜର ଆତ୍ମାକୁ କିପରି ପବିତ୍ର କରାଯାଇ ପାରିବ ?' ର ଉତର ବହୁତ ଭଲ ଲାଗିଲା ଯେ, ଆତ୍ମାକୁ ପବିତ୍ର କରିବାକୁ ହେଲେ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କର, ତା'ଠାରୁ କ୍ଷମା ମାଗ ଏବଂ ତା ସହିତ ପ୍ରେମ କର ଯଦ୍ୱାରା ସେ ଆପଣଙ୍କ ସହିତ ପ୍ରେମ କରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆତ୍ମାକୁ ପବିତ୍ର କରିବା ପାଇଁ ଇସ୍‌ଲାମର ନିଜସ୍ୱ ଦୃଷ୍ଟିକୋଣ ରହିଛି । ଖ୍ରୀଷ୍ଟିୟାନମାନଙ୍କର ନିଜର ଦୃଷ୍ଟିକୋଣ ରହିଛି । ତେଣୁ ଖୁଦାତାଲାଙ୍କଠାରୁ ଦୁଆ କରିବା ଉଚିତ ହେବ ଯେ, ସେ ଆମକୁ ସଠିକ ମାର୍ଗରେ ପରିଚାଳିତ କରନ୍ତୁ । ପାପରୁ ମୁକ୍ତି ଦିଅନ୍ତୁ ପୁଣି ଏହି ପବିତ୍ରତା ଉପରେ ତିଷ୍ଠି ରହିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏ ଅନୁଭବ ସୃଷ୍ଟି ହେଉ ଯେ, ମୋର ପ୍ରତ୍ୟେକ କାର୍ଯ୍ୟକୁ ଖୁଦାତାଲା ଦେଖୁଅଛନ୍ତି । ଯଦି ଏହିଭଳି ମନୋଭାବ ସୃଷ୍ଟି ହୋଇଯାଏ ଯେ, ଈଶ୍ୱର ମୋର ସବୁ କାର୍ଯ୍ୟକୁ ଦେଖୁଛନ୍ତି । ଏଥିରେ ମନୁଷ୍ୟ ସେହି କାର୍ଯ୍ୟକୁ କରିବ ଯାହା ଠିକ୍ ହେବ ଓ ଉଚିତ ହେବ ।

ଲିଥ୍ୱାନିଆରୁ ଜଣେ ସ୍ୱାମୀ ସ୍ତ୍ରୀ ଜିଲ୍‌ବିନାସ୍ ଜୋଜଲ୍‌ନାସ୍ ଏବଂ ଜୁର୍‌କିଟା ଜୋଜଲ୍‌ନେସ୍ ସାହେବ ଜଲ୍‌ସାରେ ସାମିଲ ହୋଇଥିଲେ । ସେମାନେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଆମେ ଏହି ଜଲ୍‌ସାରେ ଯୋଗଦେବା ପରେ ଆମକୁ ବହୁତ ଖୁସୀ ଲାଗୁଛି । ଆମେ ନିଜର ଦୁଇ ବର୍ଷୀୟା ଝିଅକୁ ସାଥିରେ ନେଇ ଆସିଛୁ । ଛୋଟ ପିଲାକୁ ସାଥିରେ ନେଇ ଯାତ୍ରା କରିବା ବହୁତ କଷ୍ଟକର ଥିଲା । କିନ୍ତୁ ଜଲ୍‌ସାର ପରିବେଶ ଏବଂ ଖଲିଫା ସାହେବଙ୍କ ପ୍ରେମ ଆମକୁ ଏଠାକୁ ଟାଣି ଆଣିଲା । ଜଲ୍‌ସା ସମୟରେ ଧୈର୍ଯ୍ୟ ଓ ସହିଷ୍ଣୁତାର ସ୍ତର ବହୁତ ଉଚ୍ଚକୋଟିର ଥିଲା । ଲୋକମାନେ ବହୁତ ସୁନ୍ଦର ଚରିତ୍ର ପରିବେଷଣ କରୁଥିଲେ ।

ସେ ପୁଣି କହୁଛନ୍ତି, ଆମକୁ ଖଲିଫତୁଲ୍ ମସିହଙ୍କ ସହିତ ସାକ୍ଷାତ କରିବାପାଇଁ ବହୁତ ଅପେକ୍ଷା ଥିଲା କାରଣ ଏହି କ୍ଷଣ ଗୁଡ଼ିକ ବହୁତ ମୁଲ୍ୟବାନ ଓ ବହୁତ ସ୍ମୃତିପୂର୍ଣ୍ଣ କ୍ଷଣ ଥିଲା । ଖଲିଫାଙ୍କର କଥା ଓ ହସହସ ଚେହେରା ବହୁତ ସୁନ୍ଦର ଓ ବହୁତ ପ୍ରଭାବଶାଳୀ ଥିଲା । ଆମେ ଆମ ମାଆ ଏବଂ ଆମ ଝିଅ ପାଇଁ ଦୁଆ କରିବାର ଦରଖାସ୍ତ ମଧ୍ୟ କଲୁ । ଖଲିଫା ସାହେବଙ୍କ ଦୁଆ ଆମ ପାଇଁ ବହୁତ ମୁଲ୍ୟବାନ ଆମେ କୃତଜ୍ଞତା ଜ୍ଞାପନ କରୁଛୁ ଯେ, ଆପଣ ପ୍ରେମ, ଧୈର୍ଯ୍ୟ ଏବଂ ପୂଣ୍ୟ ଶିକ୍ଷାକୁ ସାରା ସଂସାରରେ ପ୍ରଚାରପ୍ରସାର କରୁଛନ୍ତି ।

ଆଉ ଜଣେ ବନ୍ଧୁ କହିଲେ ଯେ, ଅଲ୍ଲାଃ ତାଲାଙ୍କ କୃପାରୁ ଲିଥ୍ୱାନିଆରେ ଆମ ଯମାତ୍ ଉନ୍ନତି କରୁଅଛି । ହଜୁର ଲିଥ୍ୱାନିଆ କେବେ ଆସିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ପଚାରୁଛନ୍ତି କି

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan